## ସଂକ୍ଷେପରେ

### ବିଦ୍ୟୁତ୍ ତାର ସଂସ୍ପର୍ଶରେ ଯୁବକ ମୃତ

ତିହିଡି,୧୪।୨(ସଞ୍ଜିତ ବଳ)

ବିଦ୍ୟୁତ୍ ଖୁଣ୍ଟରୁ ଛିଡ଼ି ଝୁଲିଥିବା ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ପୀରହାଟ ଥାନା ଅଧୀନ ଗୋବିନ୍ଦପୁର ପଞ୍ଚାୟତ ଅଧୀନ କଉଯୋଡ଼ି ଗ୍ରାମର ମଙ୍ଗରାଜ ମାଝୀ(୩୨)। ସୂଚନା ମୁତାବକ, ଶୁକ୍ରବାର ଅପରାହ୍ନ ୨ଟାରେ କଉଯୋଡ଼ି ଗ୍ରାମର ମଙ୍ଗରାଜଙ୍କ ଘର ପାର୍ଶ୍ୱ ଦେଇ ଯାଇଥିବା ୧୧କେଭି ବିଦ୍ୟୁତ୍ ତାର ଛିଡ଼ି ପଡ଼ିଥିଲା। ମଙ୍ଗରାଜ ସେହି ରାସ୍ତାରେ ଯାଉଥିବା ବେଳେ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରେ ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି।

# ସ୍କୁଲ ପିଲାଙ୍କ ନୃତ୍ୟ ମନମୋହିଲା

### ଜିଲା ମହୋତ୍ସବ ଭଦ୍ରାୟଣୀ

ଭଦ୍ରକ,୧୪।୨(ସନାତନ ରାଉତ)

ଭଦ୍ରକ ଜିଲା ମହୋତ୍ସବ ଭଦ୍ରାୟଣୀ ଗୁରୁବାର ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ବେଳେ ଅପରାହ୍ନରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିଲା। ପିଲାଙ୍କ ନୃତ୍ୟରେ ଦର୍ଶକ ମତୁଆଲା ହୋଇଥିଲେ। ଚଳିତ ବର୍ଷ ସ୍ଥାନୀୟ କଳାକାରଙ୍କୁ ପ୍ରତିଭା ପ୍ରଦର୍ଶନ ପାଇଁ ସୁଯୋଗ ଦେବାକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି।
ପ୍ରକାଶ ଯେ, ଶୁକ୍ରବାର ଅପରାହ୍ନରେ ଭଦ୍ରକ ଏନ୍‌ଆର୍‌ଆଇ ସ୍କୁଲର ଛାତ୍ରୀ ଓ କଲଚୁରାଲ ଏକାଡେମୀର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ। ଓଲଙ୍ଗ ଆଦର୍ଶ ବିଦ୍ୟାଳୟର କଳା ଶିକ୍ଷୟିତ୍ରୀ କାଦମ୍ବରୀ କରଶର୍ମାଙ୍କ ସଂଯୋଜନାରେ ନୃତ୍ୟ ସଙ୍ଗୀତ ପରିବେଷଣ ହୋଇଥିବା ବେଳେ ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏନ୍‌ଆର୍‌ଆଇ ସ୍କୁଲର ଅଧ୍ୟକ୍ଷ ବିବେକାନନ୍ଦ ସେନାପତି, ଗାଇଡ ଟିଚର ଇତିଶ୍ରୀ ଦାସ, ଚନ୍ଦନ ପୁହାଣ, ଲକ୍ଷ୍ମଣ ନାୟକ ଉପସ୍ଥିତ ଥିଲେ।


ଏନ୍‌ଆର୍‌ଆଇ ସ୍କୁଲ ଛାତ୍ରୀଙ୍କୁ ପୁରସ୍କାର ଦିଆଯାଉଛି।

# ଧାମରାକୁ ବ୍ଲକ ଘୋଷଣା କରାଯାଉ:ଭାଜପା

ଚାନ୍ଦବାଲି,୧୪।୨(ଅଶୋକ ପଣ୍ଡା)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ଧାମରାକୁ ଏକ ସ୍ୱତନ୍ତ୍ର ବ୍ଲକ ଘୋଷଣା କରିବାକୁ ଅଞ୍ଚଳର ଭାଜପା ନେତା ଦାବି କରିଛନ୍ତି। ସ୍ଥାନୀୟ ଜେଜେ ରିସୋର୍ଟରେ ଶୁକ୍ରବାର ମଧ୍ୟାହ୍ନ ୧୨ଟାରେ ଭାଜପା ଧାମରାଇ ମଣ୍ଡଳର ପୂର୍ବତନ ସଭାପତି ଦେବେନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଧାମରା, ବାଂଶଡ଼ା, ଜାଗୁଲା, କଇଥଖୋଲା, ଦୋସିଙ୍ଗା, କରଞ୍ଜମାଳ କରଣପଲ୍ଲୀ ଏବଂ ପଞ୍ଚୁଟିକ୍ରି ବର୍ତ୍ତମାନ ୮ଟି ପଞ୍ଚାୟତ କହିଲେ ଧାମରାକୁ ବୁଝାଏ। ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାର ସୁଫଳ ଓ ସେବା ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ଧାମରାକୁ ନୂତନ ବ୍ଲକ ଭାବେ ଘୋଷଣା କରିବା ଆବଶ୍ୟକ ବୋଲି ଦେବେନ୍ଦ୍ର ନାୟକ ପ୍ରକାଶ କରିଛନ୍ତି। ଏଥିସହ ଧାମରାରେ ବନ୍ଦ ହୋଇ ପଡ଼ିଥିବା ଅତିରିକ୍ତ ତହସିଲଦାର ଅଫିସକୁ ଖୋଲିବା ପାଇଁ ଦାବି କରିଛନ୍ତି। ଧାମରାରୁ ଚାନ୍ଦବାଲିକୁ ଯିବା ପାଇଁ ଅତିକମ୍‌ରେ ୨୫-୪୦କିମି ଦୂର ଯିବାକୁ ପଡୁଥିବା ବେଳେ ଧାମରାକୁ ବ୍ଲକ କରାଗଲେ ସାଧାରଣ ଜନତା ଉପକୃତ ହେବେ ବୋଲି ମତପ୍ରକାଶ ପାଇଥିଲା। ସଭାରେ ଟୁଲୁ ପ୍ରଧାନ, ପ୍ରିୟରଞ୍ଜନ ଜେନା, ଅତୁଲ ଜାନା, ପ୍ରଦୀପ ବେହେରା, ସୁକାନ୍ତ ଖିଲାର, ପୂର୍ଣ୍ଣେନ୍ଦୁ ପଣ୍ଡା, ଗଣେଶ ସେଠୀ, ସପନ ପଣ୍ଡିତ, ଅନନ୍ତ ଘଡ଼େଇ, ରାକେଶ ବଳ, ସନାତନ ବାରିକ୍, ରବି ବାରିକ, ଜଗନ୍ନାଥ ବାରିକ, ସୌମିତ୍ର ବେରା ପ୍ରମୁଖ ଯୋଗ ଦେଇଥିଲେ।

# ନ୍ୟାୟ ଅପେକ୍ଷାରେ ଦୁର୍ଘଟଣା ଜନିତ ମୃତକଙ୍କ ପରିବାର

ତିହିଡି,୧୪।୨(ସଞ୍ଜିତ ବଳ)

ତିହିଡି ଥାନା କାଁପଡ଼ା ପଞ୍ଚାୟତ ଅଧୀନ ଦପା ଗ୍ରାମର ସନାତନ ଦାସ(୫୧)ଙ୍କ ବାଇକ ଧକ୍କାରେ ମୃତ୍ୟୁ ଘଟିଥିଲା। ଗତ ୯ ତାରିଖ ଅପରାହ୍ନ ୩ଟା ସମୟର ଏହି ଘଟଣା ସମ୍ପର୍କରେ ମୃତ ବ୍ୟକ୍ତିଙ୍କ ସ୍ତ୍ରୀ କାଞ୍ଚନ ସାବରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ କୌଣସି ପଦକ୍ଷେପ ନେଇ ନ ଥିବାରୁ ମୃତକଙ୍କ ପରିବାର ନ୍ୟାୟ ପାଇଁ ଏସ୍‌ପିଙ୍କୁ ଭେଟିବେ ବୋଲି ଚେତାବନୀ ଦେଇଛନ୍ତି।
କାଞ୍ଚନ ଅଭିଯୋଗରେ ଦର୍ଶାଇଛନ୍ତି, ଗତ ୯ ତାରିଖ ଅପରାହ୍ନରେ ସେ ଓ ତାଙ୍କ ସ୍ୱାମୀ ସନାତନ ଝିଅଘରୁ ଆସି ବାରିକଛକ ନିକଟରେ ନିଜ ଘରକୁ ଫେରିବାକୁ ବସ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ଏକ ବାଇକ ଦ୍ରୁତଗତିରେ ଆସି ସନାତନଙ୍କୁ ଧକ୍କା ଦେଇଥିଲା। ସନାତନ ତଳେ ପଡ଼ିଯାଇଥିବା ବେଳେ ବାଇକ୍‌ଟି ତାଙ୍କ ଉପରେ ଚଢ଼ି ଯାଇଥିଲା। ଗୁରୁତର ଅବସ୍ଥାରେ ସନାତନଙ୍କୁ ଭଦ୍ରକ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିଦିନ କାଞ୍ଚନ ଏ ସମ୍ପର୍କରେ ସାବରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଗତ ୧୨ ତାରିଖରେ କାଞ୍ଚନ ଓ ତାଙ୍କ ପରିବାର ସମ୍ପର୍କୀୟଙ୍କ ସହିତ ପୋଲିସକୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରି ମଧ୍ୟ ଏଯାବତ କୌଣସି ସୁଫଳ ପାଇନାହାନ୍ତି। ଏ ସମ୍ପର୍କରେ ଆଇଆଇସି ରୀନା ବକ୍ସଲାଙ୍କୁ ପଚାରିବାରୁ ସନାତନଙ୍କ ସ୍ତ୍ରୀ ଓ ପରିବାର ଥାନାକୁ ଯିବା ପରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ନିପୁଣ ଓଡ଼ିଶା ମେଳା

ସାବରଙ୍ଗ,୧୪।୨(କାଳିପଦ ରାୟ)

ବାସୁଦେବପୁର ବ୍ଲକ ଅଧୀନ ଜଗନ୍ନାଥପ୍ରସାଦ ପଞ୍ଚାୟତ ମିଶ୍ରପୁରଠାରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ନିପୁଣ ଓଡ଼ିଶା ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ ପଦ୍ମନାଭ ଅଗସ୍ତି ଏଥିରେ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ଜଗନ୍ନାଥପ୍ରସାଦ ପଞ୍ଚାୟତ ସରପଞ୍ଚ ବାସୁଦେବ କାଣ୍ଡି, ମୁଖ୍ୟବକ୍ତା ଭାବେ ମନ୍ମଥ କୁମାର ଅଗସ୍ତୀ ଓ ଅନ୍ୟତମ ଅତିଥି ଭାବେ ନାଏବ ସରପଞ୍ଚ ବେଞ୍ଜୁଲତା କୁଅଁର ଯୋଗ ଦେଇଥିଲେ। ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ର ମାନଙ୍କର ମୌଳିକ ସାକ୍ଷରତା ଓ ଶିକ୍ଷାଜ୍ଞାନ ସମ୍ପର୍କୀତ ଶିକ୍ଷଣ ସାମଗ୍ରୀର ପ୍ରଦର୍ଶନ ଓ ତତ୍ ସମ୍ବନ୍ଧୀୟ ସୂଚନା ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଧାନଶିକ୍ଷକ ନରହରି ଅଗସ୍ତି ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଗୋଷ୍ଠୀ ସାଧନ କେନ୍ଦ୍ରର ସଂଯୋଜକ ସନ୍ତୋଷ କୁମାର ପତି ସହାୟତା କରିଥିଲେ। ସ୍ଥାନୀୟ ଅଞ୍ଚଳର ଦାସଡିହ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଗୀତାଞ୍ଜଳି ପଣ୍ଡା, ଗୋପବନ୍ଧୁ ନାୟକ, ରଜନୀ ଦେବୀ ନୋଡାଲ ଉଚ୍ଚ ବିଦ୍ୟାଳୟର ବୁଧିରାମ ପୁହାଣ, ଦଧିବାମନପୁରର ସଞ୍ଜୁଲତା ନାୟକ, ସୁନାଭୁଇଁ ପ୍ରାଥମିକ ବିଦ୍ୟାଳୟର ରୀନାରାଣୀ ବେହେରା, ବନ୍ଧସାହିର ସେବତୀ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

# ସେମିରେ ବିଜୟନଗରମ୍ ୱାରିଅର୍ସ


ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

ଧାମନଗର,୧୪।୨(ଦେବେନ୍ଦ୍ର ଆନ୍ଦିଆ)

### ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ

ସର୍ବ ଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଭଦ୍ରକ ଜିଲା ଧାମନଗର ବ୍ଲକ ଦେହୁଡି ଆନନ୍ଦପୁର ପଞ୍ଚାୟତ ଜଗନ୍ନାଥ ହାଇସ୍କୁଲ ପଡ଼ିଆଠାରେ ଅନୁଷ୍ଠିତ ହେଉଛି। ଭଗବତୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ସ୍ପୋର୍ଟିଂ ୟୁନିଅନ ଝାଡ଼ଖଣ୍ଡ ସହିତ ବିଜୟନଗରମ ୱାରିଅର୍ସ ଭାଇଜାକ ମଧ୍ୟରେ ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ବିଜୟନଗରମ ୱାରିଅର୍ସ ବିଜୟୀ ହୋଇ ସେମି ଫାଇନାଲକୁ ପ୍ରବେଶ କରିଛି। ବିଜୟନଗରମ୍ ୱାରିଅର୍ସ ଟସ ଜିତି ନିର୍ଦ୍ଧାରିତ ୨୫ ଓଭରରେ ୫ ଉଇକେଟ ହରାଇ ୩୭୯ ରନ ସଂଗ୍ରହ କରିଥିଲା। ଜବାବରେ ସ୍ପୋର୍ଟିଙ୍ଗ ୟୁନିଅନ ୨୫ ଓଭରରେ ୯ ଉଇକେଟ ହରାଇ ୧୫୪ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଅମ୍ପେୟାର୍ ଭାବେ ଖଗେଶ୍ୱର ମଲ୍ଲିକ ଓ ରଞ୍ଜନ ମହାନ୍ତି ଖେଳ ପରିଚାଳନା କରିଥିଲେ। ଶୁଭ୍ରାଂଶୁ ଶେଖର ସାହୁ ସ୍କୋରର ଥିବା ବେଳେ ନିହାର ରଞ୍ଜନ ବେହେରା ଡିଜିଟାଲ,ଅନଲାଇନରେ ବଳରାମ ସାହୁ ସ୍କୋରର ଥିଲେ। ଜ୍ଞାନରଞ୍ଜନ ଘଡେଇ ଓ ବୁବୁ ସିନ୍ହା ଧାରାବିବରଣୀ ପ୍ରଦାନ କରିଥିଲେ। ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ବିଜୟନଗରମ ୱାରିଅର୍ସର ବି.ସାତଭିକଙ୍କୁ ପୁରସ୍କୃତ କରାଯାଇଥିଲା।

# ବିଡିଓଙ୍କ ନାମରେ ମାମଲା ରୁଜୁ

ଭଣ୍ଡାରିପୋଖରୀ,୧୪।୨(ରାଜେନ୍ଦ୍ର ଶତପଥି)

### ବ୍ଲକ୍ ଅଧ୍ୟକ୍ଷା, ବିଡିଓଙ୍କ ମଧ୍ୟରେ ବିବାଦ ପ୍ରସଙ୍ଗ

ଭଣ୍ଡାରିପୋଖରୀ ବ୍ଲକ୍ ଅଧ୍ୟକ୍ଷା ସୁମତୀ ସେଠୀଙ୍କ ଅଭିଯୋଗ ଆଧାରରେ ବିଡିଓ ଦେବଦତ୍ତ ଦାଶଙ୍କ ନାମରେ ଗୁରୁବାର ସନ୍ଧ୍ୟାରେ ମାମଲା ରୁଜୁ ହୋଇଛି। ଗତ ୭ ତାରିଖରେ ବିଜେଡ଼ି ପକ୍ଷରୁ ବିଡିଓଙ୍କ କାର୍ଯ୍ୟାଳୟରେ ବିଡିଓଙ୍କୁ ଘେରିଥିବା ଘଟଣାରେ ବିଡିଓ ଦାଶଙ୍କ ଅଭିଯୋଗ ଆଧାରରେ ମାମଲା ରୁଜୁ ହୋଇଥିଲା। ସେହିଦିନ ଅଧ୍ୟକ୍ଷା ସୁମତୀ ସେଠୀ ବିଡିଓଙ୍କ ନାମରେ ପାଲଟା ଅଭିଯୋଗ କରିଥିଲେ। ଅଭିଯୋଗର ୮ ଦିନ ପରେ ବିଡିଓଙ୍କ ନାମରେ ମାମଲା (ନଂ ୮୨/୨୫) ରୁଜୁ ହୋଇଥିବା ଜଣାପଡ଼ିଛି। ଏସ୍‌ଡିପିଓ ତ୍ରିଲୋଚନ ସେଠୀ ମାମଲାର ତଦନ୍ତକାରୀ ଅଧିକାରୀ ଦାୟିତ୍ୱ ଗ୍ରହଣ କରିଛନ୍ତି।

# କଳା ଦିବସ ପାଳିଲେ ବ୍ଲକ୍ କର୍ମଚାରୀ

ଭଣ୍ଡାରିପୋଖରୀ,୧୪।୨(ରାଜେନ୍ଦ୍ର ଶତପଥୀ)

ପୁଲୱାମା ଘଟଣାରେ ଶହୀଦ ହୋଇଥିବା ୪୦ ଜଣ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଭଣ୍ଡାରିପୋଖରୀ ବ୍ଲକ ସଭାଗୃହରେ ବିଡିଓ ଦେବଦତ୍ତ ଦାସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ କଳା ଦିବସ ପାଳିତ ହୋଇଯାଇଛି। ୧୯୧୪ ଫେବୃଆରୀ ୧୪ ତାରିଖରେ ଜାମ୍ମୁକାଶ୍ମୀର ପୁଲୱାମାଠାରେ ଆତଙ୍କବାଦୀଙ୍କ ଆତ୍ମଘାତୀ ବିସ୍ଫୋରଣରେ ୪୦ ଜଣ ଭାରତୀୟ ସୈନ୍ୟ ଶହୀଦ ହୋଇଥିଲେ। ଏମାନଙ୍କ ବଳିଦାନ କେବେ ଭୁଲି ହେବ ନାହିଁ ବୋଲି ମତପ୍ରକାଶ ପାଇଥିଲା। ବ୍ଲକର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ।

# ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ



କୃତୀ ପ୍ରତିଯୋଗୀଙ୍କୁ କ୍ରୀଡ଼ା ସାମଗ୍ରୀ ଦେଇ ପୁରସ୍କୃତ କରାଯାଇଛି।

ଭଦ୍ରକ,୧୪।୨(ସନାତନ ରାଉତ)

ଭଦ୍ରକ କଲେଜ ଖେଳପଡ଼ିଆଠାରେ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଚାଲିଥିବା ଜିଲାସ୍ତରୀୟ କ୍ରୀଡ଼ା ଉତ୍ସବ ଗୁରୁବାର ଅପରାହ୍ନ ୫ଟାରେ ଉଦ୍‌ଯାପିତ ହୋଇଯାଇଛି। ନେହେରୁ ଯୁବ କେନ୍ଦ୍ର ଅଧିକାରୀ ଏମ୍ ବିଘ୍ନେଶଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ଅତିରିକ୍ତ ଉପ ଜିଲାପାଳ ଶ୍ୟାମଳ ରାୟ, ଭଦ୍ରକ କଲେଜ ଅଧ୍ୟକ୍ଷ ଡ. ଦୁର୍ଗାଶଙ୍କର ଦାଶ, ଅତିରିକ୍ତ କ୍ରୀଡ଼ାଧିକାରୀ ରମେଶ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ପ୍ରତିଯୋଗିତାରେ ଜିଲାର ୪ଟି ବ୍ଲକ୍‌ରୁ ପ୍ରାୟ ୧୫୦ରୁ ଉର୍ଦ୍ଧ୍ୱ ଯୁବ ଖେଳାଳି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଫୁଟ୍‌ବଲ, କବାଡ଼ି, ୧୦୦ ମିଟର ଦୌଡ଼, ଧୀର ସାଇକେଲ ଚାଳନା, ଟାଇକୋଣ୍ଡୋ, ବ୍ୟାଡ଼ମିଣ୍ଟନ ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିବା ସହ କ୍ରୀଡ଼ା ସାମଗ୍ରୀ ବଣ୍ଟନ କରାଯାଇଥିଲା। ସ୍ୱେଚ୍ଛାସେବୀ ସତ୍ୟବ୍ରତ ଦାସ ଧନ୍ୟବାଦ ଦେଇଥିଲେ।

# ଶିଶୁ ଉପଯୋଗୀ ପରିବେଶ ସୃଷ୍ଟି କରିବାକୁ ଆହ୍ୱାନ

ଭଦ୍ରକ,୧୪।୨(ସନାତନ ରାଉତ)

### ସ୍ୱତନ୍ତ୍ର କର୍ମଶାଳା

ଭଦ୍ରକ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲା ପ୍ରଶାସନ ପକ୍ଷରୁ ମିଶନ ବାତ୍ସଲ୍ୟ ଅନ୍ତର୍ଗତ କିଶୋର ନ୍ୟାୟ ଆଇନ ନିମନ୍ତେ ସ୍ୱତନ୍ତ୍ର କିଶୋର ପୋଲିସ ୟୁନିଟ୍ ଓ ଅଂଶୀଦାର ସମୂହଙ୍କ ଭୂମିକା ଶୀର୍ଷକ କର୍ମଶାଳା ଜିଲା ପୋଲିସ କାର୍ଯ୍ୟାଳୟ ସଭାଗୃହ ପରିସରରେ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଏସ୍‌ପି ବାସୁଦେବ ସ୍ୱାଇଁଙ୍କ ପୌରୋହିତ୍ୟରେ ଜିଲା ଆଇନ ସେବା ପ୍ରାଧିକରଣର ସଚିବ ନେହା ଅଗ୍ରୱାଲ, ଶିଶୁ ମଙ୍ଗଳ କମିଟିର ଅଧ୍ୟକ୍ଷ ଡ. ଦେବରାଜ ପାଣିଗ୍ରାହୀ, ଅତିରିକ୍ତ ଏସ୍‌ପି ସତ୍ୟକୁମାର ନନ୍ଦ, ଶିଶୁ ସୁରକ୍ଷା ଅଧିକାରୀ ଅବିନାଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଆଇନ ପ୍ରୋବେସନ ଅଧିକାରୀ ସୁବ୍ରତ ଦାସଙ୍କ ସଂଯୋଜନାରେ କଟକର ସଂଯୋଗ ଅନୁଷ୍ଠାନର ନିର୍ଦ୍ଦେଶକ ପ୍ରଶାନ୍ତ କୁମାର ପାଲଟା ସିଂ, ମନସ୍ତତ୍ତ୍ୱବିତ୍ ଲୋନି ଲିଓନା ବେହେରା, କିଶୋର ନ୍ୟାୟ ପରିଷଦର ସଦସ୍ୟ ଆଇନଜୀବୀ ବନମାଳୀ ଜେନା, ଲଳିତା ସାହୁ ପ୍ରମୁଖ ଶିଶୁଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବାସମ୍ବନ୍ଧରେ ଅବଗତ କରିଥିଲେ। କର୍ମଶାଳାରେ ସମସ୍ତ ଥାନାରେ କାର୍ଯ୍ୟରତ ମହିଳା ଶିଶୁ ଡେସ୍କର ଅଧିକାରୀ, ଶିଶୁ ମଙ୍ଗଳ କମିଟି, ଶିଶୁ ଅନୁଷ୍ଠାନର ଅଧୀକ୍ଷକ, ପରାମର୍ଶଦାତା, ପ୍ୟାନେଲ ଆଇନଜୀବୀ ପ୍ରମୁଖ ଉପସ୍ଥିତ ଥିବା ବେଳେ ଶିଶୁ ସୁରକ୍ଷା ୟୁନିଟ୍‌ର ବିଶ୍ୱ ନାରାୟଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ପୂଜା କମିଟି ପକ୍ଷରୁ ସାଂସ୍କୃତିକ ମହୋତ୍ସବ



ଭଦ୍ରକ,୧୪।୨(ରବିନାରାୟଣ ଖିଲାର)

ଭଦ୍ରକର ଐତିହାସିକ ପୀଠ ମାଳିଅରୁଆସ୍ଥିତ ମା' କୁଣ୍ଡିକାଳୀ ପୀଠରେ ସରସ୍ୱତୀ ପୂଜା କମିଟି ପକ୍ଷରୁ ୨୭ତମ ସାଂସ୍କୃତିକ ମହୋତ୍ସବ ଗୁରୁବାର ସନ୍ଧ୍ୟା ୮ ଟାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଶ୍ରୀଧର ଜେନାଙ୍କ ସଭାପତିତ୍ୱରେ ଲକ୍ଷ୍ମୀଧର ଦାସଙ୍କ ସଂଯୋଜନାରେ ଅତିଥିଭାବେ ସରପଞ୍ଚ ନରହରି ସାହୁ, କାଉନ୍‌ସିଲର ଆଶିଷ ଅମିତାଭ ମହାପାତ୍ର, ଖବରଦାତା ପ୍ରିୟଦର୍ଶନ ବୋଇତି, ସଙ୍ଗୀତ ନିର୍ଦ୍ଦେଶକ ଧୀରେନ୍ଦ୍ର ଦାସ, କମିଟିର ସଭାପତି ଶିବଚରଣ ମଲ୍ଲିକ, ଶିକ୍ଷକ ପ୍ରଶାନ୍ତ ତ୍ରିପାଠୀ, ପ୍ରଦୀପ ଜେନା, ସଙ୍ଗୀତଜ୍ଞ ପ୍ରଶାନ୍ତ ଓଝା, ସସ୍ମିତା ଜେନା, ଯୁବନେତା ବୁଲୁ ଲେଙ୍କା ପ୍ରମୁଖ ଯୋଗଦେଇ ଭଦ୍ରକ ଜିଲା ସାହିତ୍ୟ, ସଂସ୍କୃତି ଓ କଳାର ମାଟି, କଳା ଓ ସଂସ୍କୃତିକୁ ଉଜ୍ଜୀବିତ କରିବା ପାଇଁ ଏ କୁଣ୍ଡିକାଳୀ ପୀଠରେ ପୂଜା କମିଟି ଦୀର୍ଘ ୨୭ ବର୍ଷ ଧରି ଉଦ୍ୟମ ଜାରି ରଖିଛି। ପୀଠରେ କୁନି କଳାକାରମାନେ ସେମାନଙ୍କର ନୃତ୍ୟ ପରିବେଷଣ କରି ଜିଲାର ଭଦ୍ରାୟିଣୀ, ଭଦ୍ରକ ମହୋତ୍ସବ, ଭଦ୍ରକ ସାଂସ୍କୃତିକ ମହୋତ୍ସବ, ରାଜ୍ୟର ବିଭିନ୍ନ ସ୍ଥାନରେ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରି କୃତିତ୍ୱ ଅର୍ଜନ କରିଛନ୍ତି। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପ୍ରଶଂସା ପତ୍ର ଓ କପ ପ୍ରଦାନ କରିଥିଲେ। ଖବରଦାତା ଅକ୍ଷୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଲିଘାଟକୁ ଜେସିବିରେ ତାଡ଼ିଲେ ମାଇନିଂ ଅଫିସର

ଧୂଷୁରୀ, ୧୪।୨(ଦୀପ୍ତି ରଞ୍ଜନ ନାୟକ)

### ଲାଲ୍ ପତାକା ମାରିବା ସହ ବିଜ୍ଞାପନ ବ୍ୟାନର ଲଗାଇଲେ

ଧୂଷୁରୀ ଥାନା ଅନ୍ତର୍ଗତ ବାଲିପାଟଣା, ମମଦୁଲା, ଅସ୍ତକ ଆଦି ସ୍ଥାନରେ ବୈତରଣୀ ନଦୀରୁ ଦୀର୍ଘଦିନ ଧରି ବାଲି ଚୋରାଚାଲାଣ ହୋଇଆସୁଥିଲା। ଶହ ଶହ ସଂଖ୍ୟାରେ ଟ୍ରାକ୍ଟର ନଦୀବନ୍ଧ ଓ ରାସ୍ତାରେ ଚାଲିବା ଯୋଗୁ ଦୈନନ୍ଦିନ ଛୋଟମୋଟ ଦୁର୍ଘଟଣା ଘଟୁଥିଲା। ବାଲିଘାଟ କରିଥିବା ବ୍ୟକ୍ତିମାନେ ନଦୀବନ୍ଧକୁ କାଟିବାକୁ ମଧ୍ୟ ପଛାଇ ନ ଥିଲେ। ଏନେଇ ସ୍ଥାନୀୟ ଜନସାଧାରଣ ଭଦ୍ରକ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଜିଲାପାଳ ଦିଲୀପ କୁମାର ରାଉତରାଏ ଏହାକୁ ଗୁରୁତ୍ୱର ସହ ଗ୍ରହଣ କରି କାର୍ଯ୍ୟାନୁଷ୍ଠାନ ପାଇଁ ଜିଲା ଖଣି ଉପନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶୁକ୍ରବାର ଅପରାହ୍ନରେ ଖଣି ଅଧିକାରୀ ଅନୀଲ କୁମାର ଦାସ, ଧାମନଗର ଅତିରିକ୍ତ ତହସିଲଦାର ତପନ ତରାଇ, ଧୂଷୁରୀ ଥାନା ଏଏସ୍‌ଆଇ ମନୋରଞ୍ଜନ ପାତ୍ରଙ୍କ ସହ ୨ ପୋଲିସ କର୍ମଚାରୀ, ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ କର୍ମଚାରୀ ବାଲିଘାଟକୁ ଯାଇ ମିଳିତ ଚଢାଉ କରିବା ସହ ବାଲିଘାଟକୁ ଜେସିବି ସାହାଯ୍ୟରେ ତାଡିବା ସହ ଲାଲ୍ ପତାକା ଓ ବିଜ୍ଞାପନ ବ୍ୟାନର ଲଗାଇଥିଲେ।

# ବେଙ୍ଗାଲୁରୁରୁ ସ୍ୱାମୀ, ଦିଅର ଗିରଫ

ଭଦ୍ରକ,୧୪।୨(ସନାତନ ରାଉତ)

### ଗୁଜରାଟୀ ମହିଳାଙ୍କୁ ବିବାହ ପରେ ପ୍ରତାରଣା ଘଟଣା

ଭଦ୍ରକ ଜିଲା ବନ୍ତ ଥାନା ଅଧୀନ ନରସିଂହପୁର ଗ୍ରାମର ମନୋଜ ନାୟକ ଜଣେ ଗୁଜରାଟୀ ମହିଳାଙ୍କୁ ବିବାହ କରି ପରେ ପ୍ରତାରଣା କରିଥିବା ଅଭିଯୋଗ ହୋଇଥିଲା। ମହିଳା ଜଣକ ଦୀର୍ଘଦିନ ଧରି ଭଦ୍ରକରେ ରହି ବନ୍ତ ଥାନାଠାରୁ ଆରମ୍ଭ କରି ଭଦ୍ରକ ଏସ୍‌ପିଙ୍କ କାର୍ଯ୍ୟାଳୟ ଓ ଜିଲାପାଳଙ୍କ କାର୍ଯ୍ୟାଳୟ ଏପରିକି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ନ୍ୟାୟ ଦାବି କରିଥିଲେ। ମନୋଜ ବିବାହ ପରେ ଉକ୍ତ ମହିଳାଙ୍କଠାରୁ ବିଭିନ୍ନ ଆଳରେ ଅନେକ କୋଟି ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଶେଷରେ ଝାରସୁଗୁଡ଼ା ପୋଲିସ ବେଙ୍ଗାଲୁରୁରେ ମନୋଜ ଓ ତାଙ୍କ ଭାଇ ମାନସଙ୍କୁ ଗିରଫ କରି ବନ୍ତ ପୋଲିସକୁ ଜିମା ଦେଇଛି। ୨ ଭାଇ ବେଙ୍ଗାଲୁରୁରେ ଏକ ଘରୋଇ କମ୍ପାନୀରେ ସିକ୍ୟୁରିଟି ଗାର୍ଡ଼ ଭାବେ କାମ କରୁଥିଲେ।
ପ୍ରକାଶ ଥାଉକି, ଗୁଜରାଟ ଅହମଦାବାଦ ଅଞ୍ଚଳର ହୀରାଲବେନ ମୋଦିଙ୍କ ସହ ମନୋଜ ଗୁଜୁରାଟରେ ଏକ କମ୍ପାନୀରେ କାମ କରୁଥିବା ବେଳେ ସାକ୍ଷାତ ହୋଇଥିଲା। ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଓ ପରେ ବିବାହ ହୋଇଥିଲା। ତାଙ୍କର ୩ ବର୍ଷର ପୁଅଟିଏ ମଧ୍ୟ ଅଛି। ମନୋଜ ଭଦ୍ରକରେ ବିଭିନ୍ନ ବ୍ୟବସାୟ ଚାଲୁଥିବା କହି ହୀରାଲଙ୍କ ଆଇଟି କମ୍ପାନୀ ଓ ତାଙ୍କ ବାପାଙ୍କ ଘରକୁ ବନ୍ଧକ ରଖି ବିଭିନ୍ନ ପର୍ଯ୍ୟାୟରେ ୫ କୋଟି ଟଙ୍କା ଋଣ ନେଇଥିଲେ। ସେହି ଋଣ ଟଙ୍କାକୁ ଧରି ସ୍ତ୍ରୀଙ୍କୁ ନ ଜଣାଇ ସେଠାରୁ ଖସି ଆସିଥିଲେ। ପରେ ହୀରାଲବେନ ମନୋଜଙ୍କୁ ଖୋଜାଖୋଜି କରି ତାଙ୍କ ଘର ବନ୍ତ ଥାନା ନିରସିଂହପୁର ଗ୍ରାମରେ ପହଞ୍ଚିଥିଲେ ମଧ୍ୟ ମନୋଜଙ୍କୁ ପାଇ ନ ଥିଲେ। ପରେ ବନ୍ତ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ. ୧୭୬/୨୪) ରୁଜୁ ହୋଇଥିଲା।

# ସୌରଭ ଭରଦ୍ୱାଜଙ୍କ ସଙ୍ଗୀତରେ ଦର୍ଶକ ମସ୍‌ଗୁଲ

### ଧାମନଗର ମହୋତ୍ସବର ଚତୁର୍ଥ ସନ୍ଧ୍ୟା

ଧାମନଗର , ୧୪।୨(ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)


୪ର୍ଥ ସନ୍ଧ୍ୟାରେ ଉପସ୍ଥିତ ଅତିଥିମାନେ।

ଧାମନଗର ଏନଏସିସ୍ଥିତ ଜୟନଗର ପଡ଼ିଆଠାରେ ଧାମନଗର ଶୀତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଚତୁର୍ଥ ସନ୍ଧ୍ୟା ଗୁରୁବାର ରାତିସାଢ଼େ ୧୦ଟାରେ ମୁଖ୍ୟ ଅତିଥି ଆଇନ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଦ୍ୱାରା ଉଦଘାଟିନ ହୋଇଥିଲା। ସୋମା ମହାପାତ୍ରଙ୍କ ସଂଯୋଜନାରେ ପୂର୍ବତନ ମନ୍ତ୍ରୀ ଜଗନ୍ନାଥ ରାଉତଙ୍କ ନାମରେ ନାମିତ ମଞ୍ଚରେ ମୁଖ୍ୟବକ୍ତା ଭାବେ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ଅନ୍ୟତମ ଅତିଥି ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ଧାମନଗର ମାଟିର ପୂଜ୍ୟପୂଜା ପରମ୍ପରା ସ୍ମରଣୀୟ ବୋଲି ମତ ଦେଇଥିଲେ। ଶୀତ ମହୋତ୍ସବ ପରିଷଦର ସଭାପତି ଉଚ୍ଚଶିକ୍ଷା,କ୍ରୀଡ଼ା ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ୱାଗତ ସମ୍ଭାଷଣ ଦେଇଥିଲେ। ଏହି ଅବସରରେ ବରିଷ୍ଠ ସାହିତ୍ୟିକ ଅର୍ଜୁନ ପଣ୍ଡା, ଡ. ପ୍ରିୟମ୍ବଦା ମଲ୍ଲିକ, ଶିକ୍ଷାବିତ ଦୟାନିଧି ପ୍ରଧାନ, ନାଟ୍ୟ ନିର୍ଦ୍ଦେଶକ ଧର୍ମେନ୍ଦ୍ର ଦାସ, ମୂର୍ତ୍ତିକାର ଶରତ ବାରିକ, ମେଧାବୀ ଛାତ୍ର ସାଇ ଜ୍ୟୋତି ମଲ୍ଲିକ, ସଂସ୍କୃତି ସଂଗଠକ ମାନଗୋବିନ୍ଦ ମଲ୍ଲିକ, ଚିତ୍ରଶିଳ୍ପୀ ଶ୍ରୀମା ସାହୁ, ସେନା ଅଧିକାରୀ ସୂର୍ଯ୍ୟମଣି ପୁହାଣ ଏବଂ ନୃତ୍ୟଶିଳ୍ପୀ ଶୁଭେନ୍ଦୁ ଲେଙ୍କାଙ୍କୁ ସମ୍ମାନିତ କରାଯାଇଥିଲା। ଗାୟକ ସୌରଭ ଭରଦ୍ୱାଜ, ଦେବାଶିଷ ମହାପାତ୍ରଙ୍କ ସଙ୍ଗୀତ ଏବଂ ଗଞ୍ଜାମର ପ୍ରସିଦ୍ଧ ବାଘ ନୃତ୍ୟ ଦେଖି ଦର୍ଶକ ମସଗୁଲ ହୋଇଥିଲେ। ମହୋତ୍ସବ ପରିଷଦର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବଣିଆପାଟ ଶିଶୁମନ୍ଦିରରେ ମାତୃପିତୃ ପୂଜନ

କେନ୍ଦୁଝର,(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା କଲେଜରୋଡ଼ସ୍ଥିତ ବଣିଆପାଟ ସରସ୍ୱତୀ ଶିଶୁ ମନ୍ଦିରରେ ପବିତ୍ର ମାତୃପିତୃ ପୂଜନ ଦିବସ ଅନୁଷ୍ଠିତ କରାଯାଇଛି। ବିଦ୍ୟାଳୟରେ ଅଧ୍ୟୟନରତ ଶିଶୁଙ୍କ ମାତାପିତାଙ୍କୁ ପୂଜା କରି ଆଶୀର୍ବାଦ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଯୋଗ ବେଦାନ୍ତ ସମିତିର ପୁଷ୍ପା କାନୁନ୍‌ଗୋ, ହିରାମଣି ହାଁସଦାଙ୍କ ସହିତ ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ ଗଣ ସହଯୋଗ କରିଥିଲେ।

**ସଂକ୍ଷେପରେ**

## ମାତୃପିତୃ ପୂଜନ ଦିବସ

ଯୋଡ଼ା,୧୪।୨(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରରେ ଥିବା ଶ୍ରୀ ଯୋଗ ବେଦାନ୍ତ ସେବା ସମିତି ଯୋଡ଼ା ଶାଖା ପକ୍ଷରୁ ବିଭିନ୍ନ ବିଦ୍ୟାଳୟ, ହଟିଂ, କଲୋନୀରେ ମାତୃପିତୃ ପୂଜନ ଦିବସ ପାଳନ କରାଯାଇଛି। ଯୋଡ଼ା ଶାଖା ପକ୍ଷରୁ ହିଲ୍‌ଟପ୍ ପ୍ରାଇମେରୀ ସ୍କୁଲ, ଯୋଡ଼ା ବସ୍ତି ସ୍କୁଲ, ତଲକ ହଟିଂ, ହୀରାକୁଦ କଲୋନୀ ପ୍ରାଇମେରୀ ସ୍କୁଲ, ଯୋଡ଼ା ଇଷ୍ଟ ଏମଇ ସ୍କୁଲ ଓ ୟୁପି ସ୍କୁଲ, ହୁଡ଼ି ସାହି କଲୋନୀ, ଯୋଡ଼ା ଲକ୍ଷ୍ମୀ ମନ୍ଦିର ନିକଟ ସରସ୍ୱତୀ ଶିଶୁ ମନ୍ଦିର ପ୍ରଭୃତି ସ୍କୁଲଗୁଡ଼ିକରେ ମାତୃପିତୃ ପୂଜନ ଦିବସ ପାଳିତ ହୋଇଯାଇଛି। ଏହାକୁ ସମିତି ସଭାପତି ପ୍ରକାଶ ମହାପାତ୍ର ଓ ସମ୍ପାଦକ ରଶ୍ମି ରଞ୍ଜନ ସାହୁ, ସଦସ୍ୟା ସୁକାନ୍ତି ପ୍ରସାଦ, ଜଗନ୍ନାଥ ମୁଣ୍ଡା ପ୍ରମୁଖ ସମେତ ସମିତି ସଦସ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ଜୁରୁଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଏହି ଦିବସ ପାଳନ ଅବସରରେ ସକାଳ ୯ଟା ୩୦ରେ ମାତୃପିତୃ ପୂଜନ ଦିବସ ପାଳନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ମାତାପିତାଙ୍କ ପାଦ ଧୋଇ ସ୍ୱଚ୍ଛ ଓ ଉଚ୍ଚ ଆସନରେ ବସାଇ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇଥିଲେ। ଫେବୃଆରୀ ୧୪ ରେ ମାତୃ ପିତୃ ପୂଜନ ଦିବସ ସମଗ୍ର ଦେଶରେ ପାଳନ କରିବା ପାଇଁ ସନ୍ଥ ଶ୍ରୀ ଆଶାରାମ ବାପୁଙ୍କ ପ୍ରେରଣାରେ ୨୦୦୬ ରେ ଏହା ଆରମ୍ଭ ହୋଇଥିଲା। ଯାହା ଆଜି ଦେଶ, ବିଦେଶରେ ପାଳନ କରାଯାଉଥିବା ସମିତି ସଭାପତି ପ୍ରକାଶ କୁମାର ମହାପାତ୍ର କହିଛନ୍ତି।

## ମରେଇଗାଁ ସ୍କୁଲର ପୁରସ୍କାର ବିତରଣ ଉତ୍ସବ

ବଉଳା,୧୪।୨(ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସରକାରୀ ଉଚ୍ଚ ବିଦ୍ୟାଳୟ ମରେଇଗାଁର ବାର୍ଷିକ କ୍ରୀଡ଼ା ଓ ପୁରସ୍କାର ବିତରଣୀ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବ୍ରହ୍ମାନନ୍ଦ ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ପ୍ରାଣୀ ଚିକିତ୍ସାକେନ୍ଦ୍ରର ଅଧିକାରୀ ଡ. ରଶ୍ମି ରଞ୍ଜନ ନାୟକ, ସ୍ୱତନ୍ତ୍ର ଅତିଥି ପୂର୍ବତନ ବିଇଓ ଧନେଶ୍ୱର ଖଣ୍ଡେଇ, ମୁଖ୍ୟବକ୍ତା ଏବିଇଓ ପ୍ରମୋଦ ନାୟକ, ସମ୍ମାନିତ ଅତିଥିଭାବେ ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ସଦାଶିବ ନାୟକ, ସିଆରସି ସୁମନ୍ତ ନାୟକ, ଓଷ୍ଟା ସମ୍ପାଦକ ମୃତ୍ୟୁଞ୍ଜୟ ପଲେଇ, ବିଦ୍ୟାଳୟ କମିଟିର ଚେୟାରମ୍ୟାନ ଶରତ ସେଠୀ ଯୋଗଦେଇଥିବା ବେଳେ ବରିଷ୍ଠ ଶିକ୍ଷକ ଅଭୟା ନନ୍ଦ ବେହେରା ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷକ ଶିବ ସୁନ୍ଦର ସାହୁ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସଞ୍ଜିତା ବେଗମ୍, ସ୍ୱର୍ଣ୍ଣପ୍ରଭା ମଲ୍ଲିକ, ପିଣ୍ଟୁ ଦାସ, ଶୁଭମ୍ ସେନାପତି, ତିଳେଶ୍ୱରୀ ନାଏକ, ନରେନ୍ଦ୍ର ପ୍ରଶାଦ ଜେନା, ରିତା ଦାସ, ରଘୁନାଥ ଓଝା, ମେନକା ମଞ୍ଜରୀ ମଲ୍ଲିକ, ଗିତାରାଣୀ ସେଠୀ, ଦିଗମ୍ବର କୁଅଁର, ରଞ୍ଜନ ପଣ୍ଡା, ଘନଶ୍ୟାମ ସାହୁ କମିଟି ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

**କେନ୍ଦୁଝର**

# ମାଟ୍ରିକ ପରୀକ୍ଷାରେ କପି ରୋକିବ ତ୍ରିସ୍ତରୀୟ ସ୍କ୍ୱାଡ୍

### ପରୀକ୍ଷାକେନ୍ଦ୍ର ଅଧୀକ୍ଷକଙ୍କ ପ୍ରସ୍ତୁତି ବୈଠକ

କେନ୍ଦୁଝର, ୧୪।୨ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଜିଲାର ୧୪୩ଟି ପରୀକ୍ଷାକେନ୍ଦ୍ରର ଅଧିକ୍ଷକଙ୍କର ଏକ ପ୍ରସ୍ତୁତି ବୈଠକ ଶୁକ୍ରବାର ଡିଏନ ହାଇସ୍କୁଲଠାରେ ଅନୁଷ୍ଠିତ ହୋଇଯାଇଛି। ପରୀକ୍ଷାରେ କପି ରୋକିବା ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ ବ୍ୟବସ୍ଥା ହୋଇଛି। ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଗାଇଡ୍‌ଲାଇନ ଅନୁପାଳନରେ ବ୍ୟତିକ୍ରମ ହେଲେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ଚେତାବନୀ ଦିଆଯାଇଛି। ପରୀକ୍ଷାକୁ ଅବାଧ, କପିମୁକ୍ତ ଓ ଶୃଙ୍ଖଳିତ କରିବା ପାଇଁ ଯାଞ୍ଚ ବ୍ୟବସ୍ଥା କଡ଼ାକଡ଼ି କରାଯିବ ବୋଲି ବୈଠକରେ ଯୋଗଦେଇ ଅତିରିକ୍ତ ଜିଲାପାଳ ମନ୍ଦରଧର ମହାଳିକ କହିଛନ୍ତି। ସୂଚନା ଅନୁଯାୟୀ, ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫେବୃଆରୀ ୨୧ରୁ ଆରମ୍ଭ ହୋଇ ମାର୍ଚ୍ଚ ୬ ତାରିଖରେ ଶେଷ ହେବ। କେନ୍ଦୁଝରରେ ୧୪୩ ପରୀକ୍ଷା କେନ୍ଦ୍ର, ୧୧ ନୋଡାଲ କେନ୍ଦ୍ର ପ୍ରତିଷ୍ଠା କରାଯିବା ସହ



ଜିଲା ଶିକ୍ଷା ଅଧିକାରୀ ଓ ଅନ୍ୟମାନେ।

ଜିଲାରେ ୪୭୮ ଉଚ୍ଚ ବିଦ୍ୟାଳୟର ମୋଟ ୨୩ ହଜାର ୯୬୨ ଜଣ ପରୀକ୍ଷାର୍ଥୀ ମାଟ୍ରିକ ପରୀକ୍ଷା ଦେବେ। ପରୀକ୍ଷା ପରିଚାଳନା ପାଇଁ ୧୧ ନୋଡାଲ ସେଣ୍ଟର ଯଥା ବିଏନ ହାଇସ୍କୁଲ ଆନନ୍ଦପୁର, ହାଟଡ଼ିହୀ ହାଇସ୍କୁଲ, ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟ ଘଟଗାଁ, ଜିଏନ୍ ହାଇସ୍କୁଲ ସ୍ୱାମ ପାଟଣା, ସାହାରପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟ, ହରିଚନ୍ଦନପୁର ସରକାରୀ ଉଚ୍ଚ ବିଦ୍ୟାଳୟ, ଡିଏନ୍ ହାଇସ୍କୁଲ କେନ୍ଦୁଝର, ଝୁମ୍ପୁରା ହାଇସ୍କୁଲ, ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ ଚମ୍ପୁଆ, ବନେଇକଲା ସରକାରୀ ଉଚ୍ଚ ବିଦ୍ୟାଳୟ ଯୋଡ଼ା ଓ ତେଲକୋଇ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡ଼ାଲ ସେଣ୍ଟର କରାଯିବ। ପରୀକ୍ଷାକେନ୍ଦ୍ରକୁ କେନ୍ଦ୍ର ଅଧିକ୍ଷକ ଏବଂ ଅବଜରଭରଙ୍କ ବ୍ୟତିତ କୌଣସି ପରୀକ୍ଷାର୍ଥୀ କିମ୍ବା ଶିକ୍ଷୟିତ୍ରୀ, ଶିକ୍ଷକ ମୋବାଇଲ ନେଇପାରିବେ ନାହିଁ। ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କୁ ଅତିରିକ୍ତ ସମୟ ପ୍ରଦାନ କରାଯିବା ସହିତ ସହାୟକ ଲେଖକ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ୧୧ଟି ନୋଡାଲ ସେଣ୍ଟରରୁ ପରୀକ୍ଷାର ପୂର୍ବଦିନ ପ୍ରଶ୍ନପତ୍ର ଓ ଉତ୍ତର ଖାତା ପରୀକ୍ଷାକେନ୍ଦ୍ରଗୁଡ଼ିକୁ ଯୋଗାଇ ଦିଆଯିବ ବୋଲି ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା ସୂଚନା ଦେଇଛନ୍ତି। ଅସାଧୁ ଉପାୟକୁ ନିୟନ୍ତ୍ରଣ ପାଇଁ ୪ ସ୍ୱତନ୍ତ୍ର ସ୍କ୍ୱାଡ, ଜୋନାଲ ସ୍କ୍ୱାଡ, କେନ୍ଦ୍ରୀୟ ସ୍କ୍ୱାଡ ଗଠନ କରାଯାଇଥିବା ଜିଲା ଶିକ୍ଷା ଅଧିକାରୀ ସୂଚନା ଦେଇଛନ୍ତି। ବିଭିନ୍ନ ପରୀକ୍ଷାକେନ୍ଦ୍ରର ଅଧିକ୍ଷକ ଓ ଉପଅଧିକ୍ଷକଙ୍କ ବୈଠକରେ ଜିଲା ଶିକ୍ଷା ଅଧିକାରୀ ବରିହାଙ୍କ ସମେତ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଅଜୟ ପାତ୍ର, ପବିତ୍ର ମୋହନ ବାରିକ ଯୋଗଦେଇଥିଲେ। ସଦର ଏସ୍‌ଡିପିଓ ଗୁରୁବାରୀ ହେମ୍ବ୍ରମ, ଡିଏନ ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତିଙ୍କ ସମେତ ଅନ୍ୟ ଶିକ୍ଷକମାନେ ସହଯୋଗ କରିଥିଲେ।

# ୪୩ ଥର ରକ୍ତଦାନ କଲେଣି

### ରକ୍ତବୀର ରାଜେଶ ରଣା

କେନ୍ଦୁଝର,୧୪।୨(ଦୀପକ ମିଶ୍ର)

କେନ୍ଦୁଝରଗଡ଼ ସହରର ରକ୍ତବୀର ରାଜେଶ କୁମାର ରଣା। ଯାହାର ବି ରକ୍ତ ଆବଶ୍ୟକ ହୁଏ ପ୍ରଥମେ ରାଜେଶଙ୍କ ପାଖକୁ ଫୋନ ଆସେ। ରାତି ୧୨ ହେଉ କି ସକାଳ ୬, ରକ୍ତ ସଂଗ୍ରହ କରି ଯୋଗାଇ ଦିଅନ୍ତି। ଏଥିପାଇଁ ତାଙ୍କୁ ଅନେକ କଷ୍ଟ ମଧ୍ୟ କରିବାକୁ ପଡ଼େ। ନିଜେ ଟଙ୍କା ଖର୍ଚ୍ଚ କରି ରକ୍ତଦାତାଙ୍କୁ ଘରୁ ଆଣି ରକ୍ତ ଭଣ୍ଡାରରେ ରକ୍ତ ସଂଗ୍ରହ କରି ପୁଣି ଘରେ ଛାଡ଼ିଆନ୍ତି। ନିଜର ଗୋଟିଏ ଛୋଟିଆ ପୂଜା ଦୋକାନ ମାଇନିଂ ରାମ ମନ୍ଦିର ପାଖରେ ଅଛି। ଏଠାରୁ ଯାହା ରୋଜଗାର ହୁଏ ନିଜେ ଚଳିବା ସହିତ ସମାଜ ମଙ୍ଗଳ କାର୍ଯ୍ୟରେ ବିନିଯୋଗ କରନ୍ତି। ରାଜେଶ ଏ ପର୍ଯ୍ୟନ୍ତ ନିଜେ ୪୩ ଥର ରକ୍ତଦାନ କରିସାରିଥିବା ବେଳେ ୧୫୦୦ ୟୁନିଟରୁ ଅଧିକ ରକ୍ତ ଯୋଗାଡ଼ କରି ରୋଗୀଙ୍କୁ ଯୋଗାଇଛନ୍ତି। ଜନ୍ମଭୂମି ଯାଜପୁର ହୋଇଥିବା ବେଳେ କେନ୍ଦୁଝର କର୍ମଭୂମୀ। ପରିବାରରେ ପତ୍ନୀ ସୁଜାତା ରଣା ଓ ୨ ପୁଅ ଅଛନ୍ତି। ରାଜେଶ କୁହନ୍ତି, ଆବଶ୍ୟକ ପଡୁଥିବା ଗରିବ ରୋଗୀଙ୍କୁ ରକ୍ତ ଯୋଗାଡ଼ କରି ଜୀବନ ବଞ୍ଚାଇବାରେ ଅନେକ ଆତ୍ମତୃପ୍ତି ମିଳେ ଓ ପତ୍ନୀଙ୍କ ପକ୍ଷରୁ ମଧ୍ୟ ଏଥିପାଇଁ ପ୍ରେରଣା ମିଳିଛି ବୋଲି ସେ କହିଛନ୍ତି।



ରାଜେଶ ରଣା

# ସଢ଼ା ସମବାୟ ସମିତି ସମ୍ପାଦକ ବହିଷ୍କୃତ

ହାଟଡିହୀ,୧୪।୨(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ସଢ଼ା ସମବାୟ ସମିତିର ମ୍ୟାନେଜମେଣ୍ଟ କମିଟି ଆଦେଶ ବଳରେ ସମିତି ସମ୍ପାଦକ ଦୀନବନ୍ଧୁ ଜେନାଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି। ବିଭିନ୍ନ ଅନିୟମିତତା ଏବଂ ସମିତି ଅନୁଦାନ ହେରଫେର ନେଇ ତାଙ୍କ ବିରୋଧରେ ସମିତିର ମ୍ୟାନେଜମେଣ୍ଟ କମିଟି ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଓଡ଼ିଶା ଆରସିଏସ ରୁଲ୍ ୧୮(ଏ) ଆଧାରରେ ମ୍ୟାନେଜମେଣ୍ଟ କମିଟି ଆଦେଶ ନଂ. ୩୮/୭ ଫେବୃଆରୀ ୨୦୨୫ ଅନୁସାରେ ସମ୍ପାଦକ ଦୀନବନ୍ଧୁଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଛି । ପୂର୍ବରୁ ବିଭିନ୍ନ ଅନିୟମିତତା ଅଭିଯୋଗରେ ୨ ଥର ନିଲମ୍ବିତ ମଧ୍ୟ ହୋଇଥିଲେ।

ସୂଚନାଯୋଗ୍ୟ, ସମ୍ପାଦକ ଦୀନବନ୍ଧୁ ୨୦୨୦-୨୧ ବର୍ଷରେ ଚାଷୀ ପଞ୍ଜିକରଣରେ ଅନିୟମିତତା ନେଇ ତାଙ୍କୁ ସମିତି ପ୍ରଶାସକ(ଆଡମିନଷ୍ଟ୍ରେଟର) ଆଦେଶ ନଂ. ୭/୮ ଜାନୁଆରୀ ୨୦୨୧ରେ ପ୍ରଥମେ ନିଲମ୍ବିତ କରାଯାଇଥିଲା। ଫର୍ଟିଲାଇଜର(ଉର୍ବରକ) ବାବଦରେ ୩ ଲକ୍ଷ ୧୩ ହଜାର ୭୩୫ଟଙ୍କା ହେରଫେର ନେଇ ସମିତି ସଭାପତି ଆଦେଶ ନଂ. ୧୪୨/୧୯.୧୧.୨୦୨୨ରେ ଆଉ ଥରେ ତାଙ୍କୁ ନିଲମ୍ବିତ କରିଥିଲେ। ଏଥିସହ ୨୦୨୨-୨୩ ଫାଇନାଲ ଅଡିଟ ରିପୋର୍ଟ ଅନୁସାରେ ୧୨ଲକ୍ଷ ୯୧ ହଜାର ୫୬୧ ଟଙ୍କା ହେରଫେର କରିଥିବା ଦର୍ଶାଯାଇଛି । ଗତ ୨୦୨୪ ବର୍ଷରେ ଫର୍ଟିଲାଇଜର(ଉର୍ବରକ) ଏବଂ ବିହନ ବାବଦରେ ୩ ଲକ୍ଷ ୫୭ ହଜାର ୩୧୨ ଟଙ୍କା ହେରଫେର କରିଥିଲେ। ଯାହାକି ଉକ୍ତ ଆଦେଶ ପତ୍ରରେ ଉଲ୍ଲେଖ ରହିଛି। ତେବେ ସମ୍ପାଦକ ଦୀନବନ୍ଧୁ ପ୍ରଦାନ କରିଥିବା ଲିଖିତ ଚୁକ୍ତିନାମା ଅନୁସାରେ ଧାର୍ଯ୍ୟ ସମୟରେ ଫର୍ଟିଲାଇଜର(ଉର୍ବରକ) ଏବଂ ବିହନ ବାବଦରେ ହେରଫେର ଟଙ୍କା ଜମା କରି ନ ଥିଲେ। ଫଳରେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଛି। ସମ୍ପାଦକ ଦୀନବନ୍ଧୁ ଜେନା କହିଛନ୍ତି, ଚାକିରିରୁ ବହିଷ୍କାର ନେଇ କୌଣସି ଆଦେଶ ପତ୍ର ପାଇନାହାନ୍ତି। ଲିଖିତ ଚୁକ୍ତିନାମା ଅନୁସାରେ ଟଙ୍କା ଜମା କରିନାହାନ୍ତି। ପ୍ରାୟ ୨ ଲକ୍ଷ ଟଙ୍କା ଜମା କରିବାକୁ ପଡିବ। ୨ ଦିନ ମଧ୍ୟରେ ଜମା କରିଦେବେ ବୋଲି ସେ ପ୍ରତିକ୍ରିୟା ଦେଇଥିଲେ।

## ୨କାର ମୁହାଁମୁହିଁ, ୧ ଗୁରୁତର

ପାଟଣା,୧୪।୨(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ପିପିଲିଆ ରାସ୍ତାର ସ୍ୱାମବାଙ୍କ ନିକଟରେ ଶୁକ୍ରବାର ୨ କାର ମୁହାଁମୁହିଁ ଧକ୍କା ହୋଇଛି। ଜଣେ ଗୁରୁତର ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଗୁରୁତର ବୋଲେରୋ ଚାଳକ ରୁଢିଆପଡ଼ା ଗାଁର ହୃଷୀକେଶ ମହାନ୍ତ। ସୂଚନା ଅନୁଯାୟୀ, କେନ୍ଦୁଝର ମୁଖ୍ୟାଳୟ ସାମନ୍ତରାପୁର ଶାସନ କମଳ ଲୋଚନ ମିଶ୍ର ଫର୍ଚୁନର (ଓଡି ୦୨ ଏଜେ ୨୧୨୭)ରେ ପ୍ରୟୋଗରାଜରୁ ଫେରୁଥିଲେ। ଅପରପକ୍ଷରୁ ବୋଲେରୋ (ଓଆର ୦୫ ଏ ଏସ୍ ୬୫୯୯) ଘଟଗାଁ ବ୍ଲକ୍ ବୃନ୍ଦାବନପୁରରୁ ପିନ୍ଧାଣି ଭୋଜି ଖାଇ ମଲ୍ଲିପଶି ଫେରିବା ବାଟରେ ସ୍ୱାମବାଙ୍କ ନିକଟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଫର୍ଚୁନରରେ ୪ ଜଣ ଥିବା ବେଳେ ବୋଲେରୋରେ ୩ ଥିଲେ। ପାଟଣା ପୋଲିସ ୨କାର ଜବତ କରି ତଦନ୍ତ କରୁଛି।

## ତାରିଣୀ ଠାକୁରାଣୀ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ



ଏମ୍‌ପି ଅନନ୍ତ ନାୟକ ଜଣେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରୁଛନ୍ତି।

ଘଟଗାଁ/ଢେଙ୍କିକୋଟ,୧୪।୨( ରାଜେନ୍ଦ୍ର କୁମାର ପଟ୍ଟନାୟକ/ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍‌ରେ ଥିବା ତାରିଣୀ ଠାକୁରାଣୀ ମହାବିଦ୍ୟାଳୟରେ ଶୁକ୍ରବାର ଅପରାହ୍ନ ୧ଟାରେ ୪୭ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ଡ଼. ଗୋବିନ୍ଦ ଚନ୍ଦ୍ର ମହାନ୍ତଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଯୋଗଦେଇ ମହାବିଦ୍ୟାଳୟର ସୁବିଧା, ଅସୁବିଧା ନିଶ୍ଚିତ ପୁରଣ ହେବ। ଏହି ତାରିଣୀ ଠାକୁରାଣୀ ମହାବିଦ୍ୟାଳୟକୁ ଜାତୀୟସ୍ତରୀୟ ମହାବିଦ୍ୟାଳୟରେ ପରିଣତ କରିବା ପାଇଁ ଚେଷ୍ଟା କରିବେ ବୋଲି ପ୍ରକାଶ କରିଛନ୍ତି। ମୁଖ୍ୟ ବକ୍ତାଭାବେ ମହାବିଦ୍ୟାଳୟର ଅବସରପ୍ରାପ୍ତ ଓଡ଼ିଆ ଅଧ୍ୟାପକ ଧିରେନ ମହାନ୍ତ, ସମ୍ମାନୀୟ ଅତିଥିଭାବେ ଘଟଗାଁ ବ୍ଲକ୍‌ର ବିଡ଼ିଓ ଖଗେଶ୍ୱର ବରାଳ, ଘଟଗାଁ ଥାନା ଆଇଆଇସି ପ୍ରଶାନ୍ତ ସାମଲ ଯୋଗ ଦେଇଥିଲେ। ଅଧ୍ୟାପକ ଉପେନ୍ଦ୍ର ସାହୁ ସଭା ପରିଚାଳନା କରିଥିଲେ। ସଭାପତି ଡ଼ଃ ଗୋବିନ୍ଦ ଚନ୍ଦ୍ର ମହାନ୍ତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ପ୍ରଦୀପ ଦାସଙ୍କ ତତ୍ତ୍ୱାବଧାନରେ ଅଧ୍ୟାପକ ଗୌରାଙ୍ଗ ମହାନ୍ତ, ପ୍ରମୋଦ ଜେନା, ଅଧ୍ୟାପିକା ମଧୁସ୍ମିତା ମହାନ୍ତ, ଜସ୍ମିନ ହେମ୍ବ୍ରମ, କିରାଣୀ ଉମେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

# ୪୮ ଘଣ୍ଟା ପରେ ବି ସନ୍ଧାନ ମିଳୁନି

### ଗ୍ରେୱାଲ କମ୍ପାନୀ ଭାଇସ ପ୍ରେସିଡେଣ୍ଟ ନିଖୋଜ ଘଟଣା

ବଡ଼ବିଲ,୧୪।୨(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ଗ୍ରେୱାଲ କମ୍ପାନୀ (ଗ୍ରେୱାଲ ମିନେରାଲସ୍ ଏଣ୍ଡ ମେଟାଲସ୍ ଏଲଏଲପି)ର ଭାଇସ ପ୍ରେସିଡେଣ୍ଟ ନିମାନନ୍ଦ ପ୍ରଧାନ ବୁଧବାର ସନ୍ଧ୍ୟାରୁ ନିଖୋଜ ଅଛନ୍ତି। ତାଙ୍କୁ ଅପହରଣ ନେଇ ଆଶଙ୍କା ପ୍ରକାଶ ପାଇଥିବା ବେଳେ ଘଟଣା ପୋଲିସ ଆଖିରୁ ନିଦ ହଜାଇ ଦେଇଛି। ୪୮ ଘଣ୍ଟା ପରେ ବି କୌଣସି ସୁରାଗ ମିଳି ନ ଥିବା ବେଳେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ଓ କେନ୍ଦୁଝର ଏସ୍‌ପି କୁଶଳକର ନିତିନ ଦାଗୁଡୁ ବଡବିଲରେ ଗୁରୁବାରଠାରୁ ପହଞ୍ଚି ବିଭିନ୍ନ ଦିଗକୁ ଅନୁଧ୍ୟାନ କରୁଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ଗ୍ରେୱାଲ କମ୍ପାନୀର ଭାଇସ ପ୍ରେସିଡେଣ୍ଟ ନିମାନନ୍ଦ ବୁଧବାର ନିଜ କାର ଯୋଗେ ଅଫିସରୁ ବଡ଼ବିଲ ବସ୍ତିସ୍ଥିତ ବାସଭବନ ଅଭିମୁଖେ ବାହାରିଥିଲେ। ନିମାନନ୍ଦଙ୍କ ସହ ତାଙ୍କ କାର ଓ ଡ୍ରାଇଭର ଏମ୍‌ଡି ଫିରୋଜଙ୍କର କୌଣସି ଖୋଜଖବର ମିଳିପାରି ନ ଥିଲା। ଏ ନେଇ ପରିବାର ପକ୍ଷରୁ ବଡବିଲ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ତନାଘନା ଜାରି ରହିଛି। କୌଣସି ଏକ ସୂତ୍ରକୁ ଆଧାର କରି ପୋଲିସର ଏକ ଟିମ୍ ଝାଡ଼ଖଣ୍ଡ ରାଜ୍ୟ ଆଡକୁ ଯାଇଥିବାବେଳେ ବଡବିଲ ତଥା ଝାଡଖଣ୍ଡର ବିଭିନ୍ନ ସ୍ଥାନରେ ଲାଗିଥିବା ସିସି କ୍ୟାମେରା ଫୁଟେଜକୁ ପୋଲିସ ଯାଞ୍ଚ କରୁଥିବା ଜଣାପଡିଛି। କମ୍ପାନୀର କର୍ମଚାରୀ ଓ ପରିବାର ଲୋକଙ୍କୁ ପଚରାଉଚରା କରୁଛି। ନିମାନନ୍ଦ ଓ ଡ୍ରାଇଭରଙ୍କ ମୋବାଇଲ ନମ୍ବରକୁ ପୋଲିସ ଠିକ୍ ସ୍ଥାନ ନିରୁପଣ କରିବା କାର୍ଯ୍ୟ ଜାରି ରଖିଛି। ଇତି ମଧ୍ୟରେ ନିଖୋଜ ହେବାର ୪୮ ଘଣ୍ଟା ବିତିବାକୁ ବସିଥିଲେ ହେଁ ପୋଲିସ ହାତରେ କୌଣସି ସୁରାଗ ମିଳିପାରିନାହିଁ। ଏ ନେଇ ବଡବିଲ ଥାନା ଆଇଆଇସି ଅଶୋକ କୁମାର ନାୟକ କହିଛନ୍ତି, ଏଯାବତ୍ କୌଣସି ସନ୍ଧାନ ମିଳିପାରିନାହିଁ, ତଦନ୍ତ ଜାରି ରହିଛି।

# ଷୋଳ ପ୍ରହର ନାମ ସଙ୍କୀର୍ତ୍ତନ

ଝାରପୋଖରୀଆ, ୧୪।୨ (ସୁଧିର କୁମାର ମହାନ୍ତ)

ଝାରପୋଖରୀଆ ଥାନା ଅଧୀନ ଜାଲଦା ପଞ୍ଚାୟତର ବଣବୁଡାମରା ଗ୍ରାମର ହରିମଣ୍ଡପ ଠାରେ ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ହୋଇଥିବା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ୩୧ତମ ବାର୍ଷିକ ଷୋହଳ ପ୍ରହଳ ହରିନାମ ସଂକୀର୍ତ୍ତନ ଶୁକ୍ରବାର ଅପରାହ୍ନ ୨ଟା ସମୟରେ ସମାପନ ହୋଇଛି। ବୈଷ୍ଣବ ମହାରାଜ ଅନନ୍ତ କୁମାର ଦାସଙ୍କ ପୌରୋହିତ୍ୟରେ ବଣବୁଡାମରା ଗ୍ରାମ ତଳସାହି ବଡପୋଖରୀରୁ ଗ୍ରାମବାସୀଙ୍କ ଦ୍ୱାର ଘଟୋତ୍ତଳନ ହୋଇ ଶୁଭାରମ୍ଭ କରାଯାଇଥିଲା। ଚୈତନ୍ୟ ମହାପ୍ରଭୁଙ୍କ ହରିନାମରେ ଗାଁ ମୁଖରିତ ହୋଇଥିଲା।

# ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

ବାରିପଦା,୧୪।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

**ବାରିପଦା ପୌରାଞ୍ଚଳ**

### ୨୪ ଘଣ୍ଟିଆ ପାନୀୟ ଜଳ ଯୋଗାଣ ନେଇ ସମୀକ୍ଷା

ଗ୍ରୀଷ୍ମ ଋତୁ ଆଗମନ ପୂର୍ବରୁ ବାରିପଦା ସହରରେ ପାନୀୟ ଜଳ ସଙ୍କଟ ମୁଣ୍ଡ ଟେକିବା ଆରମ୍ଭ ହେବାରେ ଲାଗିଲାଣି। ସହରବାସୀଙ୍କୁ ଜଳକଷ୍ଟ ଅତିଷ୍ଠ କରିବା ସମସ୍ୟା ବୃଦ୍ଧି ପାଇବାରେ ଲାଗିଛି। ବାରିପଦା ପୌର ପରିଷଦର ସମସ୍ତ ୨୮ଟି ୱାର୍ଡରେ ଉକ୍ତ ସମସ୍ୟା ଦେଖା ଯାଉଥିବା ବେଳେ ସମାଧାନ କରିବା ପାଇଁ ବିଭାଗ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି । ଏ ନେଇ ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ପୌରପରିଷଦ ସମ୍ମିଳନୀ କକ୍ଷରେ ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ୱାଟକୋ ମୁଖ୍ୟ ପରିଚାଳକ ପି.ସି ମଲ୍ଲିକ, ଉପାଧ୍ୟକ୍ଷା ସୀମା ଦାସ ଓ ସମସ୍ତ ୱାର୍ଡ କାଉନସିଲର ଉପସ୍ଥିତ ରହିଥିଲେ। ବାରିପଦା ମ୍ୟୁନିସିପାଲିଟିର ସମସ୍ତ ୱାର୍ଡରେ ପାନୀୟ ଜଳ ଯୋଗାଣ ସମସ୍ୟାକୁ ନେଇ ସମୀକ୍ଷା କରାଯାଇଥିଲା। ନିଜ ଅଞ୍ଚଳର ପାନୀୟ ଜଳ ସମସ୍ୟା ଓ ଏହାର ସମାଧାନ ନେଇ ସ୍ଥାନୀୟ କାଉନସିଲରମାନେ ଅବଗତ କରିଥିଲେ। ଅନେକ ସ୍ଥାନରେ ଗତ ବର୍ଷରୁ ସମସ୍ୟା ଲାଗି ରହିଥିବା ବେଳେ ୱାଟକୋ ପକ୍ଷରୁ ତାହାର ସମାଧାନ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ଗୋଟିଏ ଘରେ ୨/୩ଟି ଜଳ ଯୋଗାଣ ସଂଯୋଗ ଥିବାରୁ ଜଳ ସଙ୍କଟ ଦେଖାଯାଉଛି। ବର୍ତ୍ତମାନରୁ ପାନୀୟ ଜଳ ସମସ୍ୟା ଆରମ୍ଭ ହୋଇଥିବାରୁ ଆଗକୁ ଗ୍ରୀଷ୍ମଋତୁ ବେଳକୁ ଜଳ ସଙ୍କଟ ସୃଷ୍ଟି ହେବାର ସମ୍ଭାବନା ସୃଷ୍ଟି କରୁଛି। ବାରିପଦା ପୋରାଞ୍ଚଳରେ ୧୦/୧୫ବର୍ଷ ପୂର୍ବରୁ ଥିବା ପମ୍ପ ହାଉସ ଗୁଡ଼ିକ ରହିଛି। କିନ୍ତୁ ୱାଟକୋ ପକ୍ଷରୁ ନୂତନ ପମ୍ପ ହାଉସ କରାଯାଉ ନାହିଁ। ପୂର୍ବରୁ ଗୋଟେ ପମ୍ପ ହାଉସରେ ନିର୍ଭର କରୁଥିବା ଘରର ସଂଖ୍ୟା ବର୍ତ୍ତମାନ ୩/୪ଗୁଣା ବୃଦ୍ଧି ପାଇଛି। ଯାହାକି ଗୋଟେ ପମ୍ପ ହାଉସ ଦ୍ୱାରା ଯୋଗାଣ କରିବା ଅସମ୍ଭବ ଅଟେ। ତେଣୁ ନୂତନ ପମ୍ପ ହାଉସ ନିର୍ମାଣ କରିବାକୁ ପ୍ରସ୍ତାବ ପ୍ରଦାନ କରାଯାଇଛି। ଏହାସହିତ ନଳକୂପ ଓ ବୋରୱେଲ ଗୁଡିକର ମରାମତି କରିବା, ଜମ୍ବୀର ଡ୍ୟାମରୁ ବାରିପଦା ସହରକୁ ୨୪ଘଣ୍ଟିଆ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ହେଉ ନ ଥିବାରୁ ଜଳ ସଙ୍କଟ ଦେଖାଯାଉଛି। ଏହାକୁ ଆରମ୍ଭ କରିବାକୁ ବାରମ୍ବାର ବିଳମ୍ବକୁ ନେଇ ନଗରପାଳ ମହାନ୍ତି ଅସନ୍ତୋଷ ପ୍ରକାଶ କରିଥିଲେ। ସମସ୍ୟାର ସମାଧାନ କରି ଆସନ୍ତା ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଏହାକୁ କାର୍ଯ୍ୟକ୍ଷମ କରିବାକୁ ସେ କହିଛନ୍ତି। ସହରରେ ପାଣି ପାଇପ ବିଛାଇବା ପାଇଁ ରାସ୍ତାଗୁଡ଼ିକ ଖୋଳା ଯାଇଥିବାରୁ ଖାଲଖମାରେ ଭର୍ତ୍ତି ହୋଇଛି। ଏମିତି ନୂତନ ରାସ୍ତା ଗୁଡ଼ିକ ମଧ୍ୟ ଖୋଳି ଦେଉଥିବା ବେଳେ ମରାମତି ହେଉନାହିଁ। ଯାହା ଫଳରେ ଲୋକେ ଦୁର୍ଘଟଣାର ଶିକାର ହେଉଛନ୍ତି। ତେଣୁ ତୁରନ୍ତ ରାସ୍ତା ଗୁଡ଼ିକର ମରାମତି କାର୍ଯ୍ୟ ପାଇଁ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ୱାଟକୋ ବିଭାଗ ପକ୍ଷରୁ ଗୋଟିଏ ପାଣି ଟ୍ୟାଙ୍କର ଥିବା ବେଳେ ତାହା ଦ୍ୱାରା ୨୮ଟି ୱାର୍ଡରେ ପାନୀୟ ଜଳ ଯୋଗାଣ ସମ୍ଭବ ନୁହେଁ। ତେଣୁ ପୋରପାଳିକା ପକ୍ଷରୁ ୨/୩ ଟ୍ୟାଙ୍କର ପ୍ରଦାନ କରାଯାଇଛି। ଏହା ସହିତ ଭଡାସୂତ୍ରରେ ଅନ୍ୟ ଟ୍ୟାଙ୍କର ଆଣି ପାନୀୟ ଜଳ ଯୋଗାଇବା ପାଇଁ ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ୱାର୍ଡ ବାସିନ୍ଦାଙ୍କ ପାନୀୟ ଜଳ ସମସ୍ୟା ନେଇ ବାରିପଦା ପୋରପାଳିକା ଓ ୱାର୍ଡ କାଉନସିଲର ଉତ୍ତରଦାୟୀ ଥିବାରୁ ଜନ ଅଭିଯୋଗଗୁଡ଼ିକ ଲିଖିତ ଭାବେ ୱାଟକୋ ମୁଖ୍ୟ ପରିଚାଳକ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି। ଅଭିଯୋଗ ଗୁଡ଼ିକର ସମାଧାନ ମାର୍ଚ୍ଚ ୩୧ତାରିଖ ସୁଦ୍ଧା କରିବାକୁ ପୌରପରିଷଦ ପକ୍ଷରୁ କୁହାଯାଇଛି। ଜଳ ସଙ୍କଟର ସମାଧାନ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବେ ବୋଲି ନଗରପାଳ ମହାନ୍ତି ଚେତାବନୀ ଦେଇଛନ୍ତି।

# ଲୋକଙ୍କ ପସନ୍ଦ ଗୋବରରେ ପ୍ରସ୍ତୁତ ସାମଗ୍ରୀ

**ଓଡ଼ିଶା ଗ୍ରାମ୍ୟ ଓ ବାଣିଜ୍ୟ ମେଳା**



ଗୋବରରେ ତିଆରି ସାମଗ୍ରୀ।

କେନ୍ଦୁଝର,୧୪।୨(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହର କାଳିପଡ଼ିଆରେ ଓଡ଼ିଶା ଗ୍ରାମ୍ୟ ଓ ବାଣିଜ୍ୟ ମେଳା ଚାଲିଛି। ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ ତଥା ଘରକରଣା ସାମଗ୍ରୀ ବିକ୍ରି ନିମନ୍ତେ ଷ୍ଟଲ ଖୋଲାଯାଇଛି। ଏହା ମଧ୍ୟରେ ଗୋବରରେ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀର ଷ୍ଟଲ ସମସ୍ତଙ୍କ ଆକର୍ଷଣ ସାଜିଛି। ଏହାକୁ କିଣିବାକୁ ଲୋକଙ୍କ ଭିଡ଼ ଜମୁଛି। ପ୍ରକାଶ ଯେ, ମେଳାରେ ବିଭିନ୍ନ ପ୍ରକାର ଖାଉଟି ସାମଗ୍ରୀ, ସୌନ୍ଦର୍ଯ୍ୟ, ଖାଦ୍ୟ, ଶିକ୍ଷଣୀୟ, ଆୟୁର୍ବେଦିକ, ଇଲେକ୍ଟ୍ରିକାଲ ଓ ଇଲେକ୍ଟ୍ରୋନିକ୍ସ, ଘର ଉପକରଣ, ଆସବାବପତ୍ର, ଫର୍ନିଚର, ହାତତିଆରି ସାମଗ୍ରୀର ପ୍ରଦର୍ଶନ ଓ ବିକ୍ରି ହେଉଛି। ଏହାଛଡ଼ା ଦେଶୀ ଗାଈ ଗୋବର ପାଉଡରରେ ପ୍ରସ୍ତୁତ ଫଟୋ ଫ୍ରେମ୍, କାନ୍ଥ ଝୁଲା ଫଟୋ ଓ ଅନ୍ୟାନ୍ୟ ସାମଗ୍ରୀ ବିକ୍ରି ହେଉଛି। ଗୁଜରାଟର ଅହମଦାବାଦରୁ ଆସିଥିବା ଏକ ସଂସ୍ଥା ଗୋବରରୁ ପ୍ରସ୍ତୁତ ବିଭିନ୍ନ ପ୍ରକାର ମହାପୁରୁଷ, ଦେବଦେବୀଙ୍କ ଫଟୋ, କାନ୍ଥଘଣ୍ଟା ଫ୍ରେମ୍, ଘର ସାଜସଜ୍ଜା ଉପକରଣ, ଚପଲ, ମୋବାଇଲ ଷ୍ଟାଣ୍ଡ, ଆକ୍ୟୁପ୍ରେସର ପଟା, ଆଣ୍ଟି ରେଡିଏଶନ ମୋବାଇଲ ଚିପ୍, ହନୁମାନ ଚାଳିଶା, ଲକ୍ଷ୍ମୀ ଯନ୍ତ୍ର, ଲକ୍ଷ୍ମୀ ଚରଣ ପାଦୁକା, ଧୂପ, ଟ୍ରେ, ଡାଏରି, କ୍ୟାଲେଣ୍ଡର, ଲଫାପା, ଗିଫ୍ଟ ବକ୍ସ, ଚୁଡି ବାକ୍ସ, କ୍ୟାରି ବ୍ୟାଗ୍, ଗଣେଶ, ଶ୍ରୀକୃଷ୍ଣଙ୍କ ମୂର୍ତ୍ତି, ଚାବି ରିଂ ଆଦି ବିକ୍ରି କରୁଛନ୍ତି। ମୋବାଇଲର ବହୁଳ ବ୍ୟବହାର ଯୋଗୁ ଏହାର ରେଡିଏଶନ ଯୋଗୁ ବିଭିନ୍ନ ବ୍ୟାଧି ଆଶଙ୍କା ରହୁଥିବାରୁ ଗୋବରରୁ ପ୍ରସ୍ତୁତ ଆଣ୍ଟି ରେଡିଏଶନ ଚିପ୍ ସମସ୍ତଙ୍କ ପାଇଁ ଉପାଦେୟ ବୋଲି ମତପ୍ରକାଶ ପାଉଛି। ଏହା ପ୍ରଥମ ଥର ପାଇଁ କେନ୍ଦୁଝରକୁ ଆସିଥିବାରୁ ଚାହିଦା ଅଧିକ ରହିଛି। ଏଭଳି ଶିଳ୍ପ ମହିଳାଙ୍କୁ ସ୍ୱାବଲମ୍ବୀ ହେବାକୁ ସୁଯୋଗ ଯୋଗାଇବ ବୋଲି ସାମାଜିକ କର୍ମୀ ପ୍ରଦୀପ ମହାନ୍ତି କହିଛନ୍ତି।

## ଘରକରଣା ସାମଗ୍ରୀ କିଣିବାକୁ ଭିଡ଼

କେନ୍ଦୁଝର,୧୪।୨(ଦୀପକ ମିଶ୍ର): କେନ୍ଦୁଝର ସହରସ୍ଥିତ କାଳୀପଡ଼ିଆଠାରେ ଚତୁର୍ଥ ଓଡ଼ିଶା ଗ୍ରାମ୍ୟ ମେଳା ଚାଲିଛି। ଏହା ଫେବୃଆରୀ ୭ରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ମହାରାଷ୍ଟ୍ର ପାନିପଥର ବେଡସିଟ, ଝାଡ଼ଖଣ୍ଡର ବିଭିନ୍ନ ପ୍ରକାର ଜୋତା, ସମ୍ବଲପୁରୀ ଶାଢ଼ୀ, ମୁମ୍ବାଇର ମେଟାଲ ଚୁଡ଼ି, ଘର ଓ ଗାଡି ସଫା ପାଇଁ ବିଭିନ୍ନ ସାମଗ୍ରୀ, ପଦ୍ମାଳୟା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ବିଭିନ୍ନ ପ୍ରକାର ମସଲ, ଝୁଣା, ରାଜସ୍ଥାନ ଜୟପୁରର ସୋଫା କଭର, ବେଡସିଟ୍, ଚାଦର, ବିଭିନ୍ନ ପ୍ରକାର ବ୍ୟାଗ, ପୁରୀର ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାଙ୍କ ଦ୍ୱାରା ହାତ ତିଆରି ବ୍ୟାଗ, ପାପଡ, ଲକ୍ଷ୍ନୌର ହାତ ତିଆରି କୁର୍ତ୍ତି, ପ୍ଲାଜୋ ପେଣ୍ଟ, ଫ୍ରକ କୁର୍ତ୍ତି, ୟୁପି ମିରଟର ଖଦି ବସ୍ତ୍ର ଭଣ୍ଡାର, ଜୟପୁର ସ୍ପେଶାଲ ହଜମି, ମହାରାଷ୍ଟ୍ରର ନମକିନ ମିକ୍ସର, ଓଡ଼ିଶାର ପ୍ରସିଦ୍ଧ ବ୍ରହ୍ମପୁର ଆଚାର, ହ୍ୟାଣ୍ଡଲୁମ, ହସ୍ତତନ୍ତ, ହସ୍ତଶିଳ୍ପ, ଘରୋଇ ଉପକରଣ, ବିଦ୍ୟୁତ୍ ସାମଗ୍ରୀ, ଗୃହସ୍ଥି ମସଲା, ଗୋବରରୁ ପ୍ରସ୍ତୁତ ବିଭିନ୍ନ ସାମଗ୍ରୀ, କେନ୍ଦୁଝରଗଡ଼ ପୌରପାଳିକାର ମୋ ଖତ ଷ୍ଟଲ ଏବଂ ବିଭିନ୍ନ ରାଜ୍ୟରୁ ଆସିଥିବା ଆଞ୍ଚଳିକ ପ୍ରସିଦ୍ଧ ଶାଢ଼ୀ ପୋଷାକ ଆଦିର ପ୍ରାୟ ୯୦ରୁ ଉର୍ଦ୍ଧ୍ୱ ଷ୍ଟଲ ପ୍ରଦର୍ଶିତ ହେଉଛି। ମେଳା ପରିସରରେ ଏକ ଅଟୋ ମୋବାଇଲ ପ୍ରଦର୍ଶନୀ ମଧ୍ୟ ସମସ୍ତଙ୍କୁ ଆକୃଷ୍ଟ କରୁଛି। ଏଥିସହିତ ଛାତ୍ରୀଛାତ୍ର ତଥା କେନ୍ଦୁଝରର ବିଭିନ୍ନ କଳାକାରଙ୍କ ଦ୍ୱାରା ପ୍ରତ୍ୟେକ ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ସ୍ଥାନୀୟ ଲୋକେ ମେଳା ବୁଲିବା ସହିତ ନିଜ ମନ ପସନ୍ଦର ସାମଗ୍ରୀ କିଣିନେବା ନିମନ୍ତେ ମେଳାର ଆବାହକ ସଞ୍ଜୟ କୁମାର ସାହୁ ଅନୁରୋଧ କରିଛନ୍ତି।



ମେଳାରେ ପଡ଼ିଥିବା ଷ୍ଟଲ ଆଗରେ ଭିଡ଼।

## ସଂକ୍ଷେପରେ

### ବିହାର ବସ୍ ଦୁର୍ଘଟଣା ଚିକିତ୍ସାଧୀନ ଅବସ୍ଥାରେ ଜଣେ ମୃତ

ଭୋଗରାଇ, ୧୪ା ୨( ପ୍ରଦୀପ ଦାସ) ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଚନ୍ଦନେଶ୍ୱରରୁ ୭୦ଜଣ ଯାତ୍ରୀଙ୍କୁ ନେଇ ପ୍ରୟାଗରାଜ ମହାକୁମ୍ଭରେ ବୁଡ଼ ମାରିବାକୁ ଯାଉଥିବା ଶ୍ରୀରାମଜୀ ବସ୍ ବିହାର କେମୁର ଜିଲା ମଠାନୀଠାରେ ଗତ ବୁଧବାର ମଧ୍ୟରାତ୍ରିରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ତୀର୍ଥଯାତ୍ରୀଙ୍କ ମଧ୍ୟରୁ ୨ଜଣ ଯୁବକଙ୍କ ଅବସ୍ଥା ଗୁରୁତର ହୋଇ ୟୁପି ବାରାଣସୀ ଏକ ହସ୍ପିଟାଲରେ ଆଇସିୟୁରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ସକାଳେ ଜଣଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଭୋଗରାଇ ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ସୁବାସ ବେହେରା (୪୫)। ସେଠାରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି। ଅନ୍ୟ ଜଣେ ଯୁବକ ଫୁଲବଣୀ ଗ୍ରାମର ବାପି ସାସମଲ( ୩୫) ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଶୁକ୍ରବାର କେତେକ ଯାତ୍ରୀ ଆହତ ଅବସ୍ଥାରେ ଘରେ ପହଞ୍ଚିଥିବା ବେଳେ ଅନ୍ୟମାନେ ରାତିରେ ସେଠାରୁ ବାହାରିଥିବା ସୂଚନା ମିଳିଛି।

### ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସକ ସଂଘ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

ରେମୁଣା, ୧୪।୨(ରବୀନ୍ଦ୍ର ମହାକୁଡ଼)– ବାଲେଶ୍ୱର ଜିଲା ଇଲେକ୍ଟ୍ରୋ ହୋମିଓପାଥି ଚିକିତ୍ସକ ସଂଘ ତରଫରୁ ରେମୁଣା ଗୁଡୁଦାପାଟଣାସ୍ଥିତ ଉତ୍ତର ରେମୁଣା ଗ୍ରାମୀଣ ମେଳା ପଡ଼ିଆରେ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ଔଷଧ ବିତରଣ ଅନୁଷ୍ଠିତ ହୋଇଯାଇଛି। ସଂଘର ରାଜ୍ୟ ସଭାପତି ସରୋଜ କୁମାର ସାହୁଙ୍କ ପରାମର୍ଶକ୍ରମେ ସଂଘର ଜିଲା ସଭାପତି ଡା. ପର୍ଶୁରାମ ସେଠୀଙ୍କ ସଂଯୋଜନାରେ ହୋଇଥିବା ଶତାଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ଶିବିରରେ ଡା. ରାମଚନ୍ଦ୍ର ପ୍ରଧାନ, ଡା. ଅରବିନ୍ଦ ପାତ୍ର, ଡା. ଅମୀୟ ରଞ୍ଜନ ତାଲଦି, ଡା. ରୀନାରାଣୀ ଦାସ, ଡା. ରତନ ପାତ୍ର, ଡା. ପରମାନନ୍ଦ ବାଗ, ଡା. ଗଦାଧର ପ୍ରଧାନ ପ୍ରମୁଖ ସେବା ପ୍ରଦାନ କରିଥିଲେ। ଇସିଜି ଚିକିତ୍ସା ସୁବିଧା ପ୍ରଦାନ କରାଯାଇଥିଲା। ମେଳା କମିଟି ସଦସ୍ୟ ତଥା ପୂର୍ବତନ ସରପଞ୍ଚ ବସନ୍ତ ପ୍ରଧାନ, ସମ୍ପାଦକ ରାଧାରଞ୍ଜନ ଦାସ, ସରପଞ୍ଚଙ୍କ ପ୍ରତିନିଧି ଦୀନବନ୍ଧୁ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ପ୍ରେମଦିବସରେ ୭୦ ମାତାପିତାଙ୍କୁ ପୂଜନ

ଭୋଗରାଇ, ୧୪।୨(ପ୍ରଦୀପ ଦାସ):ପାଶ୍ଚାତ୍ୟକୁ ସଂସ୍କୃତି ଯୋଗୁଁ ଭାରତୀୟ ସଂସ୍କୃତି ଧୀରେ ଧୀରେ ହଜିବାକୁ ବସିଛି। ଏଥିପାଇଁ ସମସ୍ତ ସଂସ୍କୃତିପ୍ରେମୀ ଓ ଶୁଭବୁଦ୍ଧିସମ୍ପନ୍ନ ବ୍ୟକ୍ତିମାନେ ଅଣ୍ଟା ଭିଡନ୍ତୁ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ମହେଶପୁର ପଞ୍ଚାୟତ ପରିସରରେ ଶୁକ୍ରବାର ଅପରାହ୍ନରେ ଭାଲେଣ୍ଟାଇନ ଡେ' ପରିବର୍ତ୍ତେ ମାତାପିତା ପୂଜନ ଦିବସ ପାଳନ କରାଯାଇଛି। ସରପଞ୍ଚ ବରେନ୍ଦ୍ର ପାତ୍ରଙ୍କ ନେତୃତ୍ୱ ଓ ସଭାପତିତ୍ୱରେ ଅନୁଷ୍ଠିତ ପୂଜ୍ୟପୂଜା କାର୍ଯ୍ୟକ୍ରମରେ ବୃଦ୍ଧା ମାତାପିତାଙ୍କୁ ଭାରତୀୟ ସୁସଂସ୍କୃତିର ଧାରା ଗ୍ରାମ ଓ ସହରରେ ପ୍ରଚାର, ପ୍ରସାର କରିବାକୁ ସରପଞ୍ଚ ଆହ୍ୱାନ ଦେଇଥିଲେ। ଏହି ଅବସରରେ ମାତାପିତାଙ୍କୁ ଧୂପ, ଦୀପ, ଫୁଲ ଓ ଚନ୍ଦନ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ୭୦ଜଣ ମାତାପିତା ସାମିଲ ହୋଇଥିଲେ।

# 'ବିଶ୍ୱ ଦରବାରରେ ଜଗନ୍ନାଥ ସଂସ୍କୃତିର ସ୍ଥାନ ସ୍ୱତନ୍ତ୍ର'

### ୧୪ତମ ବାର୍ଷିକ ରୂପ୍‌ସା ମହୋତ୍ସବ

ବାଲେଶ୍ୱର, ୧୪।୨(ବାଞ୍ଛାନିଧି ଦେ)



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର ସଦର ବ୍ଲକ ଅଧୀନ ପୋଡ଼ାଡିହା ଷ୍ଟାର କ୍ଲବ ଆନୁକୂଲ୍ୟରେ ୧୪ତମ ବାର୍ଷିକ ରୂପସା ମହୋତ୍ସବର ତୃତୀୟ ସନ୍ଧ୍ୟା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଯୋଗେଶ ଚନ୍ଦ୍ର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାହିତ୍ୟିକ ସୃଷ୍ଟିଧର ପରିଡ଼ା, ମୁଖ୍ୟବକ୍ତା ଭାବେ କବି କାଳୀପଦ ପଣ୍ଡା, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଶ୍ୟାମସୁନ୍ଦର ମିଶ୍ର ଯୋଗଦେଇ ଦେଶ ପ୍ରେମ ଓ ଜାତି ପ୍ରୀତିରେ ଉଦ୍‌ବୁଦ୍ଧ ହେବାକୁ ଆହ୍ୱାନ ଦେଇଥିଲେ। ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଡ. ଘନଶ୍ୟାମ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ବିକ୍ରମ ପଣ୍ଡା, ସମ୍ମାନିତ ଅତିଥି ଭାବେ ଡା. ଅସିତ କୁମାର ପ୍ରଧାନ, ବରିଷ୍ଠ ଖବରଦାତା ସର୍ବେଶ୍ୱର ଜେନା, ସାମାଜିକ କର୍ମୀ ବିକାଶ ପାଢ଼ୀ ଓ ଉତ୍ପଳ କୁମାର କର ପ୍ରମୁଖ ମଞ୍ଚାସୀନ ଥିଲେ।

ଉଦ୍‌ଘାଟନୀ ଉତ୍ସବରେ ମହୋତ୍ସବ କମିଟି ଉପଦେଷ୍ଟା ଜଗଦୀଶ ଚନ୍ଦ୍ର ପଟ୍ଟନାୟକ ଅଧ୍ୟକ୍ଷତା କରିଥିଲେ। ନୀଳମଣି ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ତପନ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବ ମାଧ୍ୟମରେ ଓଡ଼ିଆ ସଂସ୍କୃତି, ପରମ୍ପରା ସମୃଦ୍ଧ ହୁଏ। ବିଶ୍ୱ ଦରବାରରେ ଜଗନ୍ନାଥ ସଂସ୍କୃତିର ସ୍ଥାନ ସ୍ୱତନ୍ତ୍ର ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ସୁମନ୍ତ କୁମାର ଜେନା, ସମ୍ମାନିତ ଅତିଥି ବିଶିଷ୍ଟ ଶିଳ୍ପପତି ପ୍ରକାଶ କିଶୋର ନାୟକ, ଓରିପ୍ଲାଷ୍ଟ ସେଲସ୍ ମ୍ୟାନେଜର ରାମକୃଷ୍ଣ ପାଢ଼ୀ ପ୍ରମୁଖ ମଞ୍ଚାସୀନ ହୋଇ ଅବସାଦଭରା ଜୀବନରେ ମହୋତ୍ସବ ପ୍ରେମ, ପ୍ରୀତିରେ ସଞ୍ଚାର ଆଣିଥାଏ ବୋଲି ବକ୍ତବ୍ୟରେ କହିଥିଲେ। ଉପଦେଷ୍ଟା ଭିକାରୀ ଚରଣ ମିସ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମହୋତ୍ସବ ପଡ଼ିଆରେ ଜଗନ୍ନାଥଙ୍କ ୩୨ବେଶ ପ୍ରଦର୍ଶିତ ହୋଇଛି।

## ବାଲେଶ୍ୱରରେ ବୃହତ୍ ଶିଳ୍ପ ପ୍ରତିଷ୍ଠାକୁ ନେଇ ବିଧାୟକଙ୍କ ପ୍ରଶ୍ନ

ବାଲେଶ୍ୱର, ୧୪।୨(ବାଞ୍ଛାନିଧି ଦେ)

ବାଲେଶ୍ୱରରେ ଦୁଇଟି ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ଅନୁମୋଦନ କରିଛନ୍ତି। ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀ ଇଣ୍ଡିଆନ ଅଏଲ ପକ୍ଷରୁ ୮୭୦କୋଟି ଟଙ୍କା ପୁଞ୍ଜି ନିବେଶରେ ଦୈନିକ ୫ଶହ କିଲୋଲିଟର ଉତ୍ପାଦନ କ୍ଷମତା ବିଶିଷ୍ଟ ଇଥାନଲ୍ କାରଖାନା ଓ ବ୍ୟାଙ୍କ ନୋଟ୍ ପେପର ମିଲସ୍ ପ୍ରାଇଭେଟ୍ ଲିମିଟେଡ୍‌ର ୨୫ଶହ କୋଟି ଟଙ୍କା ପୁଞ୍ଜି ନିବେଶରେ ୧୨ହଜାର ମେଟ୍ରିକ ଟନ୍ ଉତ୍ପାଦନ କ୍ଷମତା ବିଶିଷ୍ଟ ବ୍ୟାଙ୍କ ନୋଟ୍ ପେପର (ସିଲିଣ୍ଡର ୱାଟର ମାର୍କଡ୍ ବ୍ୟାଙ୍କ ନୋଟ୍ ପେପର) କାରଖାନା ରହିଛି। ଏଥିସହ ଏକକ ବାତାୟନ ପ୍ରଣାଳୀ ମାଧ୍ୟମରେ ଏକାଧିକ ପ୍ରକଳ୍ପ ଅନୁମୋଦନ ପାଇଥିବା ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ସ୍ୱାଇଁ ବିଧାନସଭାରେ ପ୍ରକାଶ କରିଛନ୍ତି। ଶୁକ୍ରବାର ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ ବାଲେଶ୍ୱର ଜିଲାରେ ନୂତନ ଶିଳ୍ପ ପ୍ରତିଷ୍ଠା ନେଇ ରାଜ୍ୟ ସରକାରଙ୍କ ପଦକ୍ଷେପ ସମ୍ପର୍କରେ ଜାଣିବାକୁ ଚାହିଁଥିଲେ। ଏଥିସହ ପୂର୍ବରୁ ବନ୍ଦ ହୋଇଥିବା ଶିଳ୍ପ ସଂଖ୍ୟା ଓ ରାଜ୍ୟରେ ନୂତନ ସରକାର ଗଠନ ପରେ ବିଭିନ୍ନ ଜିଲାରେ ନୂତନ ଶିଳ୍ପ ପ୍ରତିଷ୍ଠା ପାଇଁ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ବିଧାୟକ ଦତ୍ତ ପ୍ରଶ୍ନ ଉଠାଇଥିଲେ।

## ବରିଷ୍ଠ ଆଇନଜୀବୀଙ୍କ ଉଦ୍ଦେଶ୍ୟରେ ସ୍ମୃତିସଭା


ସ୍ମୃତିସଭାରେ ମଞ୍ଚାସୀନ ଅତିଥିଗଣ।

ବାଲେଶ୍ୱର, ୧୪।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ବାର୍ ଆସୋସିଏଶନ ବରିଷ୍ଠ ସଭ୍ୟ ଆଇନଜୀବୀ ସ୍ୱର୍ଗତ ହରିହର ଦାସଙ୍କ ସ୍ମୃତିସଭା ବାଲେଶ୍ୱର ବାର୍ ଆସୋସିଏଶନ୍ ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ବାର୍ ଆସୋସିଏଶନ ସଭାପତି ରଘୁନାଥ ପ୍ରଧାନ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ବାଲେଶ୍ୱର ଜିଲା ଓ ଦୌରାଜଜ୍ ସତ୍ୟନାରାୟଣ ମିଶ୍ର, ସମ୍ମାନିତ ଅତିଥି ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ପେଶାଲ ଜଜ୍ (ଓପିଆଇଡ଼ି) ବିଶ୍ୱଜିତ୍ ଦାସ ଯୋଗଦେଇଥିଲେ। ଆସୋସିଏଶନ ସମ୍ପାଦକ ସମ୍ମିତ କୁମାର ନନ୍ଦୀ, ବରିଷ୍ଠ ଆଇନଜୀବୀ ପ୍ରତାପ ଚନ୍ଦ୍ର ପଣ୍ଡା, ତ୍ରୈଲୋଚନ ଦାଶ, କେଶବ ଆଚାର୍ଯ୍ୟ, ପର୍ଶୁରାମ ପ୍ରଧାନ, ଲକ୍ଷ୍ମୀକାନ୍ତ ବେହେରା, ବେଣୁଧର ରାଉଳ, କୃଷ୍ଣଚନ୍ଦ୍ର ବେହେରା, ଜିତେନ୍ଦ୍ର ଉପାଧ୍ୟାୟ, ମନୋଜ କୁମାର ନାୟକ ଓ ଶଶାଙ୍କ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ଦାସଙ୍କ ଆଦର୍ଶ, କର୍ତ୍ତବ୍ୟପରାୟଣତା ସମ୍ପର୍କରେ ଆଲୋକପାତ କରିଥିଲେ।

## ଗ୍ରାମସଭାରେ ହଟ୍ଟଗୋଳ, ପଳାଇଲେ ସରପଞ୍ଚ


ଗ୍ରାମସଭାରେ ଉପସ୍ଥିତ ସରପଞ୍ଚ ଓ ପଞ୍ଚାୟତବାସୀ।

ଭୋଗରାଇ, ୧୪।୨(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ କୁମ୍ଭୀରମୂଳି ପଞ୍ଚାୟତରେ ଶୁକ୍ରବାର ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାମସଭାରେ ସରପଞ୍ଚଙ୍କୁ ହଟହଟା ହେବାକୁ ପଡିଛି। ପଞ୍ଚାୟତ ଉନ୍ନୟନ କାର୍ଯ୍ୟର ସୂଚନା, ଏଜେଣ୍ଡା ଓ ଯୋଜନା ସମ୍ପର୍କରେ ପ୍ରଥମେ ହିସାବ ମାଗିବାରୁ ସରପଞ୍ଚ ଓ ପଞ୍ଚାୟତବାସୀଙ୍କ ମଧ୍ୟରେ କଥା କଟାକଟି ହୋଇ ଶେଷରେ ସଭା ଅଧାରୁ ଖାତାପତ୍ର ନେଇ ସରପଞ୍ଚ ପଳାଇଯାଇଥିବା ଅଭିଯୋଗ ହୋଇଛି । ୨୦୨୪ ଅକ୍ଟୋବରଠାରୁ ଅଦ୍ୟାବଧି ପଞ୍ଚାୟତରେ ବହୁ କାର୍ଯ୍ୟ ହୋଇ ନ ଥିବା ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ବିଲ୍ ଉଠାଇ ସରପଞ୍ଚ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ହଟ୍ଟଗୋଳ କରିଥିବା ମହିଳାମାନେ ଅଭିଯୋଗ କରିଥିଲେ। ୧୬ତାରିଖ ସନ୍ଧ୍ୟା ସୁଦ୍ଧା ସମସ୍ତ ଟଙ୍କାର ହିସାବ ନ ଦେଲେ ୧୭ ତାରିଖ ଭୋଗରାଇ ବ୍ଲକରେ ଥିବା ଜନଶୁଣାଣି ଶିବିରରେ ଗ୍ରାମବାସୀ ଜିଲାପାଳଙ୍କୁ ଅବଗତ କରାଇବା ସହିତ ଧାରଣା ଦେବେ ବୋଲି ପଞ୍ଚାୟତର ଶାନ୍ତିଲତା ଦାସ, ପୂର୍ଣ୍ଣିମା ଦାସ, ସାବିତ୍ରୀ ମଣ୍ଡଳ, ଶ୍ରୀକାନ୍ତ କରଣ, କମଳଲୋଚନ ଦାସ, ରାଜୁ ତ୍ରିପାଠୀ, ଦେବାଶିଷ ଦାସ, ସପନ ଅଧିକାରୀ, ଜିତୁ ମଣ୍ଡଳ, ଜୀବନକୃଷ୍ଣ ମହାନ୍ତି ପ୍ରମୁଖ ମହିଳା ଗୋଷ୍ଠୀ ଓ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ପୋଖରୀରେ ବୁଡ଼ି ଶିଶୁପୁତ୍ରଙ୍କ ଜୀବନ ଗଲା

ବାଲେଶ୍ୱର,୧୪।୨(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ରୂପସା ଥାନା ଅଧୀନ ଲଛମନଖୁଣ୍ଟା ଗ୍ରାମରେ ଶୁକ୍ରବାର ଏକ ଦୁଃଖଦ ଘଟଣା ଘଟିଛି। ପୋଖରୀରେ ବୁଡ଼ି ଚିତ୍ତରଞ୍ଜନ ମହାନ୍ତଙ୍କ ୬ ବର୍ଷରୁ ପୁଅ ଜୟଦେବ (୬)ଙ୍କ ମୃତ୍ୟୁ ହୋଇଛି।

ଲଛମନଖୁଣ୍ଟା ଦରଖୁଳି ଗ୍ରାମର ଚିତ୍ତରଞ୍ଜନ ଗୁଜୁରାଟର ଏକ ଘରୋଇ କମ୍ପାନୀରେ ଚାକିରି କରନ୍ତି। ତାଙ୍କ ସ୍ତ୍ରୀ ଶୁକ୍ରବାର ବିଲ କାମ କରିବା ପାଇଁ ଯାଇଥିଲେ। ଘରେ ପୁଅ ସହ ଜେଜେମା' ଓ ଜେଜେବାପା ଥିଲେ। ଖେଳିବା ସମୟରେ ଅସାବଧାନତା ବଶତଃ ଶିଶୁ ଜଣକ ଘର ନିକଟସ୍ଥ ପୋଖରୀରେ ପଡ଼ିଯାଇଥିଲେ। ବହୁ ଖୋଜାଖୋଜି କରି ଗାଁ ଲୋକେ ଶିଶୁପୁତ୍ରକୁ ପାଣିରୁ ଉଦ୍ଧାର କରି ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ରୂପସା ଥାନାରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨/୨୫) ରୁଜୁ କରି ତଦନ୍ତ ଜାରି ରଖିଛି।

## ଶୀତକାଳୀନ ଜାତୀୟ ସେବା ଶିବିର ଉଦ୍‌ଘାଟିତ

ଖଇରା,୧୪।୨(ଉତ୍କଳବନ୍ଧୁ ପଣ୍ଡା)

ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ. ହରେକୃଷ୍ଣ ମହତାବ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୭ଦିନିଆ ଶୀତକାଳୀନ ସେବା ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଗଗନ ବିହାରୀ ରାଉତ ପୌରୋହିତ୍ୟ କରିବା ଅବସରରେ ପାଠପଢ଼ା ସହିତ ସମାଜସେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଭକ୍ତବନ୍ଧୁ ସାହୁ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଅଧ୍ୟାପକ ଗଣେଶ ପ୍ରସାଦ ପଣ୍ଡା, ଅଧ୍ୟାପିକା ଡ. ଆଭାରାଣୀ ବଳ ଅନ୍ୟତମ ବକ୍ତା ଭାବେ ଯୋଗ ଦେଇଥିଲେ। ୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ।

## ନ୍ୟାୟ ପାଇଁ ଥାନା ଦ୍ୱାରସ୍ଥ ଦମ୍ପତି


ପାଉଁଶ ଗଦା ନିକଟରେ ମ୍ରିୟମାଣ ମଧୁସୂଦନ ଓ ଅନୀତା।

ଖଇରା, ୧୪।୨(ଉତ୍କଳବନ୍ଧୁ ପଣ୍ଡା)

### ଦୋକାନ ଜାଳିଦେଲେ ଦୁର୍ବୃତ୍ତ

ବାଲେଶ୍ୱର ଜିଲା ଖଇରା ବ୍ଲକ ସିମୁଳିଆ ଥାନା ଗରସଙ୍ଗ ପଞ୍ଚାୟତ ଅଧୀନ କୃଷ୍ଣପୁର ଗ୍ରାମର ମଧୁସୂଦନ ପଣ୍ଡାଙ୍କ ଦୋକାନ ଘରକୁ କୌଣସି ଦୁର୍ବୃତ୍ତ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିବା ଶୁକ୍ରବାର ସିମୁଳିଆ ଥାନାରେ ଅଭିଯୋଗ ହୋଇଛି। ଏସ୍‌ଆଇ ସରୋଜ କୁମାର ଦାସ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

ଅଭିଯୋଗ ଅନୁଯାୟୀ ତାଙ୍କର ଅନ୍ତରା ଷ୍ଟେଟ ବ୍ୟାଙ୍କ ନିକଟରେ ଏକ ଭେରାଇଟି ଷ୍ଟୋର ଥିଲା । ସେ ଓ ତାଙ୍କ ସ୍ତ୍ରୀ ଅନୀତା ଦୋକାନ ଚଳାଇ ପରିବାର ପୋଷଣ କରୁଥିଲେ। ହେଲେ କୌଣସି ଦୁର୍ବୃତ୍ତ ପ୍ରଥମେ ଜୁଲାଇ ୨୩ରେ ଏବଂ ପୁନର୍ବାର ଗୁରୁବାର ରାତିରେ ନିଆଁ ଲଗାଇ ଦୋକାନକୁ ପୋଡି ଦେଇଛନ୍ତି। ପାଖ ଦୋକାନ ସିସିଟିଭି ଫୁଟେଜରୁ ୨ଜଣ ଲୋକ ପେଟ୍ରୋଲ ଢାଳି ପୋଡୁଥିବା ଦୃଶ୍ୟ ଦେଖାଯାଉଥିଲେ ହେଁ ସହଜରେ ଚିହ୍ନି ହେଉଥିବା ଉଲ୍ଲେଖ କରିଛନ୍ତି। ଦୋକାନରେ ମହଜୁଦ ଥିବା ଫ୍ରିଜ, ଫ୍ୟାନ, ଇନଭର୍ଟର ସମେତ ଦେଢଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜିନିଷପତ୍ର ପୋଡି ପାଉଁଶ ହୋଇଯାଇଛି। ଏବେ ପରିବାର ଚଳାଇବା ମୁସ୍କିଲ ହୋଇପଡିଥିବା ବେଳେ ତାଙ୍କୁ ନ୍ୟାୟ ପ୍ରଦାନ କରିବାକୁ ଦମ୍ପତି ଦାବି କରିଛନ୍ତି।

## ପୁଣି ମହେଶ୍ୱରଙ୍କୁ ସରପଞ୍ଚ ଦାୟିତ୍ୱ ହସ୍ତାନ୍ତର

ବାଲିଆପାଳ, ୧୪।୨(ଗୋପାଳ ଚନ୍ଦ୍ର ସାହୁ)–ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ବିଷ୍ଣୁପୁର ପଞ୍ଚାୟତର ସରପଞ୍ଚ ମହେଶ୍ୱର ଜେନାଙ୍କୁ ଶୁକ୍ରବାର ପୁଣିଥରେ ବିଷ୍ଣୁପୁର ପଞ୍ଚାୟତ ସରପଞ୍ଚ ଦାୟିତ୍ୱ ହସ୍ତାନ୍ତର କରାଯାଇଛି। ଗତ ୨୦୨୫ ଜାନୁଆରୀ ୩ରେ ଡବ୍ଲ୍ୟୁପି(ସି) ନମ୍ବର ୩୧୬୧୭/୨୫ରେ ଜେନାଙ୍କୁ ପୁନଃ ଅବସ୍ଥାପିତ କରିବା ପାଇଁ ଜିଲା ପ୍ରଶାସନକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ନିର୍ଦ୍ଦେଶ ପାଇବା ପରେ ଅର୍ଡ଼ର ନମ୍ବର ୧୩୧୭ରେ ବାଲିଆପାଳ ବିଡିଓ ପୁନମ ରାଉତ ଜେନାଙ୍କୁ ବିଷ୍ଣୁପୁର ପଞ୍ଚାୟତର ସରପଞ୍ଚ ଦାୟିତ୍ୱ ହସ୍ତାନ୍ତର କରିବା ପରେ ସରପଞ୍ଚ ମହେଶ୍ୱର ଜେନା ପଞ୍ଚାୟତରେ ପ୍ରଥମ ଗ୍ରାମ ସଭା କରିଛନ୍ତି। ଏହି ଖବର ପାଇବା ପରେ ଜେନାଙ୍କ ସମର୍ଥକଙ୍କ ମଧ୍ୟରେ ଖୁସି ଦେଖାଦେଇଛି।

ବିଷ୍ଣୁପୁର ପଞ୍ଚାୟତ ସରପଞ୍ଚ ମହେଶ୍ୱର ଜେନା ଠିକ୍ ଭାବରେ ଓଡ଼ିଆ ଭାଷା ପଢ଼ିବା କିମ୍ବା ଲେଖିବା ଜାଣି ନ ଥିବା ଅଭିଯୋଗରେ ତାଙ୍କର ତତ୍କାଳୀନ ପ୍ରତିଦ୍ୱନ୍ଦ୍ୱୀ ସରପଞ୍ଚ ପ୍ରାର୍ଥୀ ମଧୁସୂଦନ ଦଳାଇ ବାଲେଶ୍ୱର ସିଭିଲ କୋର୍ଟରେ କେସ୍ (ନଂ. ୦୩/୨୦୨୨)ରେ ଆବେଦନ କରିଥିଲେ। ଗତ ୨୦୨୪ ଏପ୍ରିଲ ୨୦ରେ କୋର୍ଟ ତାଙ୍କର ସରପଞ୍ଚ ପଦବୀକୁ ରଦ୍ଦ କରି ସାନି ନିର୍ବାଚନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କୋର୍ଟ ନିର୍ଦ୍ଦେଶ ଅନୁଯାୟୀ ତତ୍କାଳୀନ ବାଲିଆପାଳ ବିଡିଓ ବିନୋଦ ଚନ୍ଦ୍ର ପଣ୍ଡା ନାଏବ ସରପଞ୍ଚ ବୃନ୍ଦାବତୀ ଜେନାଙ୍କୁ ସାନି ନିର୍ବାଚନ ପର୍ଯ୍ୟନ୍ତ ପଞ୍ଚାୟତର ସରପଞ୍ଚ ଦାୟିତ୍ୱ ପ୍ରଦାନ କରିଥିଲେ। ପରେ ସରପଞ୍ଚ ଜେନା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ଉକ୍ତ ରାୟ ବିରୋଧରେ ନ୍ୟାୟ ପାଇଁ ଆବେଦନ କରିଥିଲେ। ନିବେଦନକୁ ଗ୍ରହଣ କରି କୋର୍ଟ ବିଷ୍ଣୁପୁର ପଞ୍ଚାୟତ ସରପଞ୍ଚ ପଦବୀ ଜେନାଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

## ଚିକିତ୍ସାଧୀନ ଅବସ୍ଥାରେ ଆହତଙ୍କ ମୃତ୍ୟୁ

### ରାସ୍ତା କାମ ବେଳେ ଘାଇରେ ପଡ଼ି ଆହତ ହୋଇଥିଲେ

ଜଳେଶ୍ୱର, ୧୪।୨(ନବୀନ ସାହୁ)–ଜଳେଶ୍ୱର ରାଇବଣିଆ ଠାରୁ ଶିଖରପୁର ପର୍ଯ୍ୟନ୍ତ ରାସ୍ତାକାମ ଚାଲିଥିବା ବେଳେ ବିନା ଫଳକରେ ରାସ୍ତାକୁ କାଟି ବଡ଼ ବଡ଼ ଘାଇ କରାଯାଉଛି। ଫଳରେ ଅନେକ ଲୋକ ଘାଇରେ ପଡ଼ି ଆହତ ହେଉଛନ୍ତି। ଗତ ମଙ୍ଗଳବାର ରାତିରେ ଚମାରଗାଁ ପଞ୍ଚାୟତ ତେଘରୀ ଗ୍ରାମର ଦିଲୀପ ଦାସ ବାଇକ୍‌ରେ ରାଇବଣିଆ ମହୋତ୍ସବକୁ ଯିବା ବେଳେ ଭଦୁଆ ପେଟ୍ରୋଲ ଟାଙ୍କି ପାଖ ଏକ ଘାଇରେ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ହାତୀଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲେ। ସେଠାରୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ଜଳେଶ୍ୱର ପୂର୍ତ୍ତ ବିଭାଗ ଅଧିକାରୀ ନିହାର ରଞ୍ଜନ ବେହେରା କହିଛନ୍ତି ରାସ୍ତା ନିର୍ମାଣ କରୁଥିବା କମ୍ପାନୀ ତରଫରୁ ମୃତକଙ୍କ ପରିବାରକୁ ସହାୟତା ଯୋଗାଇ ଦେବାକୁ ଉଦ୍ୟମ କରାଯାଉଛି।

## ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

ରାଇରଙ୍ଗପୁର,୧୪।୨(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ବହଳଦା ଥାନା ଅନ୍ତର୍ଗତ ବାସିଙ୍ଗି ଗ୍ରାମରେ ଶୁକ୍ରବାର ଜଣେ ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ମୃତକ ହେଲ କହ୍ନେଇ ମାରାଣ୍ଡି (୪୦)। ପୋଲିସ ମୃତଦେହ ଜବତ କରି ରାଇରଙ୍ଗପୁର ହସ୍ପିଟାଲରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ. ୨/୨୫ ) ରୁଜୁ ହୋଇଛି। ମୃତ୍ୟୁର କାରଣ ସ୍ପଷ୍ଟ ହୋଇନି। ପୋଲିସ ତଦନ୍ତ ଜାରି ରଖିଛି।

## ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ଝାରପୋଖରିଆ, ୧୪।୨ (ସୁଧିର କୁମାର ମହାନ୍ତ)

ସାରସକଣା ପଞ୍ଚାୟତ ସମିତି ଅନ୍ତର୍ଗତ ଜାଲଦା ପଞ୍ଚାୟତରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସଭାକକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜାଲଦା ସରପଞ୍ଚ ନିନି ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମ ସମ୍ବନ୍ଧରେ ଗ୍ରାମ ରୋଜଗାର ସେବକ ବୁଦ୍ଧାନ ଚନ୍ଦ୍ର ମାଝି ବ୍ୟକ୍ତବ୍ୟ ରଖିଥିଲେ। ସରପଞ୍ଚ ନିନି ନାଏକ, ସମିତି ସଭ୍ୟା ଅଞ୍ଜନା ମହାନ୍ତ, ନାଏବ ସରପଞ୍ଚ ଶତିଶ ଚନ୍ଦ୍ର ପାଳ, ଜାଲଦା ସେକ୍ଟରର ସ୍ୱାସ୍ଥ୍ୟ ବିଭାଗର ମହିଳା କର୍ମୀ ରାଜଲକ୍ଷ୍ମୀ ମହାନ୍ତ, ଜାଲଦା ଉପସ୍ୱାସ୍ଥ୍ୟ କେନ୍ଦ୍ରର ସେବିକା କ୍ଷଣପ୍ରଭା ମହାନ୍ତ ପ୍ରମୁଖ ଉପସ୍ଥିତ ହୋଇ ଲୋକାଭିମୁଖୀ ଯୋଜନାର ସଫଳ ରୂପାୟନ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିରେ ପଞ୍ଚାୟତର ୧୦ ରାଜସ୍ୱ ଗ୍ରାମର ୧୧ ଗୋଟି ୱାର୍ଡ ମଧ୍ୟରୁ ଶତାଧିକ ମହିଳା ପୁରୁଷ, ୱାର୍ଡ ସଭ୍ୟା ସଭ୍ୟ, ଅଙ୍ଗନୱାଡି କର୍ମୀ, ଏସ୍‌ଏଚ୍‌ଜି ମହିଳା ସଭ୍ୟାଗଣ ଯୋଗ ଦେଇଥିଲେ।

# ସାମ୍ବାଦିକଙ୍କୁ ପେନ୍‌ସନ, ସୁରକ୍ଷା ଓ ଅଧିସ୍ୱୀକୃତି ଦାବି

ବାଲେଶ୍ୱର, ୧୪।୨(ବାଞ୍ଛାନିଧି ଦେ)


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ରାଜ୍ୟରେ ସାମ୍ବାଦିକଙ୍କ ସାମୂହିକ ସ୍ୱାର୍ଥରକ୍ଷା ପାଇଁ ଓଡ଼ିଶା ୟୁନିଅନ୍ ଅଫ୍ ଜର୍ଣ୍ଣାଲିଷ୍ଟ (ଓୟୁଜେ) ପକ୍ଷରୁ ବାରମ୍ବାର ଦାବି ହୋଇଆସୁଛି। ସାମ୍ବାଦିକଙ୍କୁ ପେନସନ, ସୁରକ୍ଷା ଓ ଅଧିସ୍ୱୀକୃତି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ସମ୍ପର୍କିତ ୩ଦଫା ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝିଙ୍କ ଉଦ୍ଦେଶ୍ୟରେ ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ବୁଧବାର ଓୟୁଜେ ବାଲେଶ୍ୱର ଶାଖା ପକ୍ଷରୁ ପ୍ରଦାନ କରାଯାଇଛି। ପୂର୍ବରୁ ଏହି ନ୍ୟାର୍ଯ୍ୟ ଦାବି ପୂରଣ ପାଇଁ ସଂଘ ପକ୍ଷରୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଯାବତ୍ ଦାବି ପୂରଣ ଦିଗରେ କୌଣସି ବ୍ୟବସ୍ଥା ଗ୍ରହଣ କରାଯାଇନାହିଁ। ରାଜ୍ୟ ସରକାର ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ ହେଁ ତାହା କାର୍ଯ୍ୟକାରୀ ହେଉନାହିଁ। ଦେଶର ୧୮ଟି ରାଜ୍ୟରେ ସାମ୍ବାଦିକଙ୍କ ପାଇଁ ସରକାରଙ୍କ ପକ୍ଷରୁ ପେନସନ ବ୍ୟବସ୍ଥା ହୋଇଥିଲେ ହେଁ ଓଡ଼ିଶାରେ ଏହା ଲାଗୁ ହେଉ ବୋଲି ଦାବିପତ୍ରରେ ଦର୍ଶାଯାଇଛି।

ଓୟୁଜେ ରାଜ୍ୟ ସଂଘ ସଭାପତି ପ୍ରସନ୍ନ କୁମାର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲା ଶାଖା ପକ୍ଷରୁ ଜିଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ବେଳେ ଜିଲା ସଭାପତି ଗଙ୍ଗାଧର ରାଉତ, ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମନାରାୟଣ ଶତପଥୀ, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ, ବରିଷ୍ଠ ସଦସ୍ୟ ଅଜିତ କୁମାର ମହାନ୍ତି, ପ୍ରସନ୍ନଜିତ୍ ଆଶ, ଲକ୍ଷ୍ମୀଧର ଗାଣ, ହାଇଦର ଖାନ, ସେକ ନଜିମ ଓ ସୋମନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଦାବି ପୂରଣ ନ ହେଲେ ସଂଘ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

